# ନଦୀବନ୍ଧ ସୁଦୃଢ଼ୀକରଣ ପାଇଁ ନିର୍ଦ୍ଦେଶ

## ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ଯାଜପୁର ଟାଉନ,୨୨।୬ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମବାୟ ବୟନ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବଡ଼ଚଣା ବିଧାୟକ ଅମର ନାୟକ, କୋରେଇ ବିଧାୟକ ଆକାଶ ଦାସନାୟକ, ଯାଜପୁର ବିଧାୟିକା ସୁଜାତା ସାହୁ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା ଏବଂ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶୁଭେନ୍ଦ୍ର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ।



ବୈଠକରେ ମଞ୍ଚାସୀନ ଅତିଥି ଓ ଅଧିକାରୀ।

ପରେ ଅତିଥିମାନେ ମା’ ବିରଜାଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ବୈଠକକୁ ଉଦ୍‌ଘାଟନ କରିଥିଲେ।

ବୈଠକରେ କଣ୍ଟ୍ରୋଲ୍‌ରୁମ୍ କାର୍ଯ୍ୟକାରିତା, ନଦୀବନ୍ଧଗୁଡ଼ିକର ସୁଦୃଢ଼ୀକରଣ ସହ ବନ୍ୟା ଜଳ ଓ ବର୍ଷାଜଳ ଜମୁଥିବା କୃତ୍ରିମ ବନ୍ୟା ସ୍ଥାନଗୁଡ଼ିକରୁ ଜଳ ନିଷ୍କାସନ, ବନ୍ୟାପ୍ରବଣ ଅଞ୍ଚଳ ଗୁଡ଼ିକରେ ନୋଡାଲ ଅଫିସର ନିଯୁକ୍ତି ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଦୈନନ୍ଦିନ ସ୍ଥିତି ରିପୋର୍ଟ ଜିଲା ପ୍ରଶାସନକୁ ଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିପର୍ଯ୍ୟୟ ପୂର୍ବରୁ ସଚେତନତା ବାର୍ତ୍ତା ଦେବା, ଅସ୍ଥାୟୀ ୱାରଲେସ୍ କେନ୍ଦ୍ର କାର୍ଯ୍ୟ କରିବା, ଦୂର ସଞ୍ଚାର ସେବା ଯୋଗାଇବା, ବନ୍ୟାପ୍ରବଣ ଅଞ୍ଚଳରେ ପାୱାର ବୋଟ ମହଜୁଦ ରଖିବା ସହ ସୁଖିଲା ଖାଦ୍ୟ, ଔଷଧ, ଗୋ ଖାଦ୍ୟ, ପାନୀୟ ଜଳ, ପଲିଥିନ୍ ଓ ବହୁମୁଖୀ ବନ୍ୟା ବାତ୍ୟା ଆଶ୍ରୟ ସ୍ଥଳଗୁଡ଼ିକୁ ପ୍ରସ୍ତୁତ କରି ରଖିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଲୋକଙ୍କୁ ସ୍ଥାନାନ୍ତରଣ ନିମନ୍ତେ ଆଗୁଆ ଯୋଜନା ପ୍ରସ୍ତୁତ କରିବା, ଓଡ୍ରାଫ୍, ଏନ୍‌ଡିଆରଏଫ୍, ଅଗ୍ନିଶମ ବାହିନୀ ସଜାଗ ରଖିବା ଓ ଅସ୍ଥାୟୀ ଭାବେ ହେଲି ପ୍ୟାଡ ସ୍ଥାନ ନିରୂପଣ କରିବା ସ୍ଥିର କରାଯାଇଥିଲା। ରିଲିଫ୍ କାର୍ଯ୍ୟ ସୂଚାରୁ ରୂପେ ପରିଚାଳନା କରିବା, ଅତ୍ୟାବଶ୍ୟକ ସେବାଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କରିବା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ବିପର୍ଯ୍ୟୟ ପ୍ରାକ୍ ପ୍ରସ୍ତୁତି, ବିପର୍ଯ୍ୟୟ ସମୟରେ ପୁନରୁଦ୍ଧାର, ଥଇଥାନ ଓ ବିପର୍ଯ୍ୟୟ ପରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଓ ପରିମଳ ସେବା ଉପରେ ଅତିରିକ୍ତ ଜିଲାପାଳ ସୂଚନା ପ୍ରଦାନ କରିଥିଲେ।

କୋରେଇ ବିଧାୟକ କୋରେଇ ଏବଂ ବନ୍ଦାଲୋ ପଞ୍ଚାୟତର ବନ୍ୟାପ୍ରବଣ ଅଞ୍ଚଳ ନଦୀବନ୍ଧକୁ ପଥର ପ୍ୟାକିଂ କରିବା, ବ୍ୟାପକ ଚାରା ରୋପଣ କରି ଜିଲାରେ ପ୍ରଦୂଷଣକୁ ରୋକିବା ଓ ପରିବେଶ ସନ୍ତୁଳନ ଦିଗରେ ପ୍ରସ୍ତାବ ଆଗତ କରିଥିଲେ। ଜିଲାପାଳ ଏଥିପ୍ରତି ଧ୍ୟାନ ଦିଆଯିବ ବୋଲି ପ୍ରକାଶ କରିବା ସହ ଜିଲାରେ ବନ୍ୟା ଓ ବର୍ଷା ଜଳ ନିଷ୍କାସନ ଦିଗରେ ଆବଶ୍ୟକ ସ୍ଥଳେ ସ୍ଥାୟୀ ସମାଧାନ ନିମନ୍ତେ ଦୀର୍ଘ ମିଆଦି କାର୍ଯ୍ୟକ୍ରମ ପାଇଁ ସରକାରଙ୍କୁ ଅବଗତ କରାଯିବ ବୋଲି ଉଲ୍ଲେଖ କରିଥିଲେ।

ବିଞ୍ଝାରପୁର ବିଧାୟିକା ତାଙ୍କ ନିର୍ବାଚନମଣ୍ଡଳୀ ଅଧୀନ ଦଶରଥପୁର ଓ ବିଞ୍ଝାରପୁର ବ୍ଲକ୍ ଅଞ୍ଚଳ ବନ୍ୟାପ୍ରବଣ ହୋଇଥିବାରୁ ଅଧିକ ପାୱାର ବୋଟ୍ ପ୍ରଦାନ କରିବାକୁ ପ୍ରସ୍ତାବ ରଖିଥିଲେ। ଜିଲାପାଳ ଜିଲାରେ ୩୬ ପାୱାର ବୋଟ୍ ସମସ୍ତ ବ୍ଲକ୍‌କୁ ବଣ୍ଟନ କରାଯାଇଥିବା କହିଥିଲେ। ଏଥିସହିତ ଜିଲାକୁ ଅଧିକ ବୋଟ୍ ଯୋଗାଇ ଦେବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଅନୁରୋଧ କରାଯିବ ବୋଲି ପ୍ରକାଶ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ପଞ୍ଚାୟତ ସମିତି ଅଧକ୍ଷାଅଧକ୍ଷ, ବିଡିଓ, ତହସିଲଦାର, ଅତିରିକ୍ତ ଉପଜିଲାପାଳ ମନୋରମା ଜାଲି, ଜିଲା ଜରୁରୀ ଅଧିକାରୀ ଅଶୋକ ବେହେରା, ଡେପୁଟି କଲେକ୍ଟର ସୋନମ୍ ଦାସ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ ବେହୁରିଆ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବିଭିନ୍ନ ସ୍ଥାନରେ ଦେବସ୍ନାନ ପୂର୍ଣ୍ଣିମା

ପାଣିକୋଇଲି,୨୨।୬(ବିକାଶ ମଲ୍ଲିକ): କୋରେଇ ବ୍ଲକ୍ ଅଞ୍ଚଳର ବିଭିନ୍ନ ସ୍ଥାନରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଅଞ୍ଚଳର ଚାନ୍ଦପୁର, ନୂଆପଦା, ଓଚିନ୍ଦା, ସୋତି ଆଦି ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କୁ ସ୍ନାନ ମଣ୍ଡପକୁ ନିଆଯାଇ ମହାସ୍ନାନ କରାଯାଇଛି। ଚାନ୍ଦପୁରରେ ମହାରାଜା ପ୍ରକାଶ ଚନ୍ଦ୍ର ସେନାପତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ବିଷ୍ଣୁଚରଣ ରାଉତ, ବଟକୃଷ୍ଣ ସ୍ୱାଇଁ, ମନ୍ମଥ ପଣ୍ଡା, ପ୍ରଶାନ୍ତ ମହାରଣା, କାହ୍ନୁ ମହାରଣା, ନାରାୟଣ ମହାରଣା, ବ୍ରଜ ସ୍ୱାଇଁ, ବଚନ ସ୍ୱାଇଁ, ବିଲୁ ପାଗଳ, ଲକ୍ଷ୍ମଣ ମହାରଣା ଓ ଶ୍ରୀକାନ୍ତ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ନବ ଉତ୍କଳ ମହିଳା ସମିତି ପକ୍ଷରୁ ସହାୟତା

ଯାଜପୁରରୋଡ୍,୨୨।୬(ପବିତ୍ର ରଞ୍ଜନ ମହାନ୍ତି): ସ୍ଥାନୀୟ ନବ ଉତ୍କଳ ମହିଳା ସମିତି ପକ୍ଷରୁ ଶନିବାର କେନ୍ଦୁଝରର ଘଟଗାଁ ସ୍ଥିତ ମା’ ତାରିଣୀଙ୍କ ପୀଠରେ ୫୦ ଭିକ୍ଷା ବୃତ୍ତି କରୁଥିବା ଲୋକଙ୍କୁ ସହାୟତା ଭାବେ ଛତା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମିତି ସଭାନେତ୍ରୀ ଅମୂଲୀ ପହି, ଉପଦେଷ୍ଟା ଶାନ୍ତିଲତା ମାଝୀ, ସମ୍ପାଦିକା ଜୟନ୍ତୀ ଜେନା, ଯେମାମଣୀ କଅଁର, ସୁଜାତା ବାରିକ ଓ ଜଞ୍ଜାଳି ମଳିକ ପ୍ରମୁଖ ସାମିଲ ହୋଇଥିଲେ।

### କିଡ୍‌ନୀ ରୋଗ ଆକ୍ରାନ୍ତରେ ଯୁବକଙ୍କ ମୃତ୍ୟୁ

ପାଣିକୋଇଲି,୨୨।୬(ବିକାଶ ମଲ୍ଲିକ): କିଡ୍‌ନୀ ରୋଗ ଆକ୍ରାନ୍ତରେ ପାଣିକୋଇଲି ଥାନା ମାଳଆନନ୍ଦପୁର ପଞ୍ଚାୟତ ନୁରୁଗାଁ ଗ୍ରାମର ନୀଳମଣି ଦେଓଙ୍କ ପୁତ୍ର ରାକେଶ ଦେଓ(୨୨)ଙ୍କ ମୃତ୍ୟୁ ହୋଇଛି। ରାକେଶ ଜଣେ ଯୁବ ସାମାଜିକ କର୍ମୀଭାବରେ ଅଞ୍ଚଳରେ ପରିଚିତ ଥିଲେ। ତିନି ଦିନ ତଳେ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତାଙ୍କ ଆକସ୍ମିକ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଧର୍ମଶାଳା ବିଧାୟକଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା,୨୨।୬(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅଧୀନ ଜାରକା ରୋଟାରି ଓ ଇନରହୁଇଲ କ୍ଲବ୍ ପକ୍ଷରୁ ଧର୍ମଶାଳାର ନବନିର୍ବାଚିତ ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରୋଟାରି କ୍ଲବ୍ ସଭାପତି ଇଂ ବିପିନ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ରୋଟାରିଆନ ଅଜାମ୍ବର ସାହୁ, ଜୟଗୁରୁ ପାତ୍ର, ଜୟପ୍ରକାଶ ତ୍ରିପାଠୀ, ନିରଞ୍ଜନ ପାଣିଗ୍ରାହୀ, ଅମୂଲ୍ୟ ମହାରଣା, ହରିହର ପଣ୍ଡା, ରାଜେନ୍ଦ୍ର ପଲେଇ ଓ ଇନରହୁଇଲ ପକ୍ଷରୁ ଲୋପାମୁଦ୍ରା ଷଣ୍ଢ, ବିଶ୍ୱାମିତ୍ର ସାହୁ, ଇନ୍ଦୁପ୍ରଭା ସାମଲ, ଅର୍ଚ୍ଚନା ସ୍ୱାଇଁ ଓ କାଦମ୍ବିନୀ ମହାପାତ୍ର ପ୍ରମୁଖ ବିଧାୟକଙ୍କୁ ତାଙ୍କ କୁମାରୀସ୍ଥିତ ବାସ ଭାବନରେ ପହଞ୍ଚି ସମ୍ବର୍ଦ୍ଧିତ କରିଛନ୍ତି।

### ଶୁଦ୍ଧିକ୍ରିୟା ନିମନ୍ତେ ସହାୟତା ପ୍ରଦାନ

ପାଣିକୋଇଲି,୨୨।୬(ବିକାଶ ମଲ୍ଲିକ): ପିତାଙ୍କ ଦେହାନ୍ତରେ ଭାଙ୍ଗି ପଡ଼ିଥିବା ଅସହାୟ ପୁତ୍ରକୁ ଯାଜପୁର ଜିଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ସୂର୍ଯ୍ୟାଲୋକ ସମାଜ ସେବା ସଂଗଠନ ସହାୟତା ପ୍ରଦାନ କରିଛି। ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଗୁପ୍ତଗଡ଼ିଆ ସାହିର ଚାଷୀ ପାଗଳ ମଲିକ(୬୮)ଙ୍କ ଗତ ୧୩ ତାରିଖରେ ମୃତ୍ୟୁ ଘଟିଥିଲା। ଏହାପରେ ତାଙ୍କ ଏକମାତ୍ର ପୁତ୍ର ଆଦିତ୍ୟ ପିତାଙ୍କ ଶୁଦ୍ଧିକ୍ରିୟା ନିମନ୍ତେ ପାଖ ପଡ଼ୋଶୀଙ୍କ ସହାୟତା ଲୋଡ଼ିଥିଲେ। ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା ଆଦିତ୍ୟଙ୍କୁ ସହାୟତା ପ୍ରଦାନ କରିଥିଲେ। ଏଥିସହିତ ସେମାନେ ବିଭିନ୍ନ ଗଣମାଧମ ଜରିମଆରେ ଆଦିତ୍ୟଙ୍କୁ ସହାୟତା ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲେ। ଏକଥା ଗଣମାଧ୍ୟମରୁ ଜାଣିବା ପରେ ସୂର୍ଯ୍ୟାଲୋକ ସମାଜ ସେବା ସଂଗଠନର ସଭାପତି ବସୁବନ୍ତ ଦାସଙ୍କ ପରାମର୍ଶକ୍ରମେ ସଦସ୍ୟ ଭବାନୀ ଶଙ୍କର ବାରିକ ଓ ରଞ୍ଜିତ ପରିଡ଼ା ପହଞ୍ଚି ଆଦିତ୍ୟଙ୍କୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

### ସାପ କାମୁଡ଼ାରେ ମହିଳା ମୃତ

ସିଂହପୁର,୨୨।୬(ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ଥାନା ଅନ୍ତର୍ଗତ ଓଳେଇ ଚନ୍ଦନପୁର ପଞ୍ଚାୟତ କଣଛନ୍ଦା ଗ୍ରାମର ଜଣେ ମହିଳାଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ମୃତକ ହେଲେ ରମେଶ ଚନ୍ଦ୍ର ବେହେରାଙ୍କ ସ୍ତ୍ରୀ ମାନସୀ ବେହେରା(୪୪)। ଶୁକ୍ରବାର ରାତିରେ ମାନସୀ ଘରେ ଶୋଇଥିବାବେଳେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ନଂ. ୧୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଅଂଶୁଘାତରେ ଚାଷୀ ମୃତ୍ୟୁ ଅଭିଯୋଗ

ବିଞ୍ଝାରପୁର,୨୨।୬(ରାମକଷ୍ଣ ଦାସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ଶାସନ୍ଦା ବାଲିସାହିରେ ଶନିବାର ମଧ୍ୟାହ୍ନରେ ଅଂଶୁଘାତରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗ୍ରାମର ମନଗୋବିନ୍ଦ ଯେନା(୫୦)। ସେ ଗ୍ରାମ ନିକଟ ବିଲକୁ କାମ କରିବାକୁ ଯାଇଥିଲେ। ଚାଷକାର୍ଯ୍ୟ ସାରି ଘରକୁ ଫେରିବା ପରେ ହଠାତ୍ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ୬ ବର୍ଷ ହେଲା ପ୍ରତିଶ୍ରୁତିରେ ବସ୍ ଟର୍ମିନାଲ

**ଯାଜପୁର ଜିଲା ମୁଖ୍ୟାଳୟ**
- ଜମି ଅଧିଗ୍ରହଣରେ ସୀମିତ ପଦକ୍ଷେପ
- ମା’ ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ପର୍ଯ୍ୟଟକ ହୀନସ୍ତା

ଯାଜପୁର,୨୨।୬ (ହର୍ଷବର୍ଦ୍ଧନ ବେହେରା)

ପୌରାଣିକ ଓ ଐତିହାସିକ କିମ୍ବଦନ୍ତୀ ବହନ କରୁଥିବା ଯାଜପୁର ସହରର ନବକଳେବର ହୋଇଛି। ଇତିମଧ୍ୟରେ ପ୍ରଜାଙ୍କ ଜମି ଅଧିଗ୍ରହଣ କରାଯାଇ ମେଡିକାଲ କଲେଜ, ମିନି ସଚିବାଳୟ, ଜିଲା ସଦର ଡାକ୍ତରଖାନାର ଉନ୍ନତୀକରଣ, ରାସ୍ତା ପ୍ରଶସ୍ତୀକରଣ, ଜିଲା କୋର୍ଟ, କୁସୁମା ପୋଖରୀ ଇତ୍ୟାଦି ଉନ୍ନୟନ କାର୍ଯ୍ୟ ହୋଇଛି। ହେଲେ ଯାଜପୁର ସହରର କିଆନାଳି ନିକଟରେ ୨୦୧୮ ଜୁନରୁ ମଞ୍ଜୁର ହୋଇଥିବା ବସ୍ ଟର୍ମିନାଲ କାର୍ଯ୍ୟ କେବଳ ଜମି ଅଧିଗ୍ରହଣରେ ସୀମିତ ରହିଛି। ଅନ୍ୟପକ୍ଷେ ଭଲ ବସଷ୍ଟାଣ୍ଡ ନ ଥିବାରୁ ଯାଜପୁର ସହରରେ ଥିବା ମା’ ବିରଜା ମନ୍ଦିର, ବୈତରଣୀ ନଦୀ କୂଳ ସପ୍ତମାତୃକା ମନ୍ଦିର, ବରାହ ପୀଠ, କୁସୁମା ଆଦି ସ୍ଥାନକୁ ଆସୁଥିବା ପର୍ଯ୍ୟଟକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

କିଆନାଳି କୂଳରେ ପ୍ରସ୍ତାବିତ ବସ୍ ଟର୍ମିନାଲ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨୦୧୮ ଜୁନ ୧୨ରେ ୩ଟି ପର୍ଯ୍ୟାୟରେ ଅନୁଦାନ ମଞ୍ଜୁର ହୋଇଥିଲା। ଏହି ଅନୁଦାନକୁ ଯାଜପୁର ପୌରପରିଷଦ ପକ୍ଷରୁ ଉଠାଣ କରାଯାଇ ପାଣିକୋଇଲି (ଆର ଆଣ୍ଡ ବି) ବା ପୂର୍ତ୍ତ ଡିଭିଜନ


ଯାଜପୁର ଟାଉନ୍ ବସ୍‌ଷ୍ଟାଣ୍ଡ।

ନିର୍ବାହୀ ଯନ୍ତ୍ରୀଙ୍କ ଆକାଉଣ୍ଟରେ ଜମା କରିବାକୁ ନିର୍ଦ୍ଦେଶ ହୋଇଥିଲା। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ତତ୍କାଳୀନ ଅନୁସଚିବ ପି.କେ. ସାହୁ ତାଙ୍କ ପତ୍ରସଂଖ୍ୟା ୧୫୧୦୯/୧୨।୬।୨୦୧୮ରେ ୧ କୋଟି ୧୭ଲକ୍ଷ ୮୩ ହଜାର ୭୬୦ ଟଙ୍କା, ପତ୍ରସଂଖ୍ୟା ୧୫୧୦୩/୧୨।୬।୨୦୧୮ରେ ୪୫ ଲକ୍ଷ ୧୭ ହଜାର ୧୦୮ ଟଙ୍କା ଏବଂ ପତ୍ରସଂଖ୍ୟା ୧୫୦୯୭/୧୨।୬।୨୦୧୮ରେ ୩୩ ଲକ୍ଷ ୩୮ ହଜାର ୭୩୨ ଟଙ୍କା ମଞ୍ଜୁର କରିଥିଲେ। ହେଲେ ୬ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଉକ୍ତ ବସ୍ ଟର୍ମିନାଲର ଦେଖାମିଳିନାହିଁ। ବହୁ ଟ୍ରାଫିକ ସମସ୍ୟା ଦେଇ ସହର ଭିତରେ ଏକ ଛୋଟ ଓ ପୁରୁଣା ବସ୍‌ଷ୍ଟାଣ୍ଡ ରହିଥିବାରୁ ଉପଯୁକ୍ତ ଭାବେ ଯାତ୍ରୀବାହୀ ବସ୍ ଚଳାଚଳ ସମ୍ଭବ ହୋଇପାରୁନାହିଁ। ଏଥିପାଇଁ ଏକ ଆଧୁନିକ ବସଷ୍ଟାଣ୍ଡ ଟର୍ମିନାଲ ନିର୍ମାଣ କରିବାକୁ ଯୋଜନା ହୋଇଛି। ସେହିପରି ସଦର ବ୍ଲକ ପଣସା ପଞ୍ଚାୟତ ବିନ୍ଧାଣ ମୌଜାରେ ଏକ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଛି। ୭।୧୨।୨୦୨୧ରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ଟେଣ୍ଡର ପ୍ରକ୍ରିୟାରେ ସାଇ ଶିବ କନ୍‌ଷ୍ଟ୍ରକ୍ସନକୁ ୧୧।୧।୨୦୨୨ରେ ପୂର୍ତ୍ତ ବିଭାଗ ପକ୍ଷରୁ କାମ କରିବାକୁ ସ୍ୱୀକୃତି ଦିଆଯାଇଥିଲା। ଏଥିପାଇଁ ସମ୍ପୃକ୍ତ ଠିକାସଂସ୍ଥା ୨ କୋଟି ୯୧ ଲକ୍ଷ ଟଙ୍କା ସିକ୍ୟୁରିଟି ଡିପୋଜିଟ ମଧ୍ୟ କରି ସାରିଛି। ତେବେ ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁ ଇତିମଧ୍ୟରେ ବିଭିନ୍ନ ନିର୍ମାଣ ସାମଗ୍ରୀ ଦର ବୃଦ୍ଧି ପାଇଥିବାରୁ ସେହି ପୁରୁଣା ଦରରେ ଆଉ କାର୍ଯ୍ୟ କରି ହେବ ନାହିଁ ବୋଲି ସମ୍ପୃକ୍ତ ଠିକାସଂସ୍ଥା ଦର୍ଶାଇ ଓହରିଯିବାକୁ ଚେତାବନୀ ଦେଇଥିଲା। ଏହିକ୍ରମରେ ଲୋକହିତରେ ଜାରି ଏହି ନୂତନ ବସଷ୍ଟାଣ୍ଡ ଓ ବସ୍ ଟର୍ମିନାଲ ନିର୍ମାଣରେ ପ୍ରଶାସନିକ ଅବହେଳା ସାଧାରଣ ଲୋକଙ୍କ ପାଇଁ ବିପଦ ହୋଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଭଗବାନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ବସ୍ ଟର୍ମିନାଲ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ହୋଇସାରିଛି। ଏହାର ନିର୍ମାଣ କାର୍ଯ୍ୟ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ଓଡ଼ିଆ ସ୍ନାତକରେ ସୁପ୍ରଭା ବିଶ୍ୱବିଦ୍ୟାଳୟ ଟପ୍ପର

## ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟର ୟୁଜି, ପିଜି ପରୀକ୍ଷାଫଳ ପ୍ରକାଶ

ଯାଜପୁରରୋଡ୍,୨୨।୬ (ପବିତ୍ର ରଞ୍ଜନ ମହାନ୍ତି):

ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟର ସ୍ନାତକ (ୟୁଜି) ଓ ସ୍ନାତକୋତ୍ତର(ପିଜି) ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ଓଡ଼ିଆ ବିଭାଗର ସ୍ନାତକ (ୟୁଜି ଯୁକ୍ତ ୩)ରେ ବ୍ୟାସନଗର ଇନ୍ଦିରା ଗାନ୍ଧୀ ମହିଳା(ଆଇଜିଏମ୍) ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ସୁପ୍ରଭା ସାହୁ ବିଶ୍ୱବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେ ମୋଟ୍ ୨୭୫୦ ନମ୍ବରରୁ ୨୩୧୦ ନମ୍ବର ରଖି ଏହି ଗୌରବ ହାସଲ କରିଛନ୍ତି। ସୁପ୍ରଭା କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନାଗ୍ରାମର ଅମୂଲ୍ୟ ସାହୁ ଓ ସରୋଜିନୀ ସାହୁଙ୍କ ଝିଅ। ଶଙ୍ଖଚିଲା ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରାଥମିକ ଶିକ୍ଷାପରେ ସେ ସେଠାକାର ହିଙ୍ଗୁଳା ହାଇସ୍କୁଲରୁ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ କରିଥିଲେ। ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଯୁକ୍ତ ୨ରେ ପ୍ରଥମ ଶ୍ରେଣୀରେ ପାସ କରିବା ପରେ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଯୁକ୍ତ ୩ରେ ଓଡ଼ିଆ ସମ୍ମାନ ବିଭାଗରେ ପଢୁଥିଲେ। ସେ ପ୍ରଥମ ଛାତ୍ରୀଭାବେ ବିଶ୍ୱବିଦ୍ୟାଳୟସ୍ତରରେ ଟପ୍ପର ହୋଇ ମହାବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ତାଙ୍କ ସଫଳତାର ଶ୍ରେୟ ବପା, ମା’କଲେଜର ଅଧକ୍ଷ ରତ୍ନାକର ଜେନା ଓ ଓଡ଼ିଆ ବିଭାଗ ମୁଖ୍ୟ ଅଧାପିକା ସୁମିତ୍ରା ରାଉତଙ୍କ ସମେତ ବିଭାଗୀୟ ଅଧାପକ ମଳୟ ମଲ୍ଲିକ ଏବଂ ଅଧାପିକ ଝୁନୁମଣି ଜେନା ବୋଲି ସୁପ୍ରଭା କହିଛନ୍ତି।


ଛାତ୍ରୀ ସୁପ୍ରଭା ସାହୁ

ଏଥିସହିତ ମହାବିଦ୍ୟାଳୟର ସମସ୍ତ ଅଧାପିକାଅଧାପକଙ୍କ ଆଶୀର୍ବାଦରୁ ସେ ଧାପିକା ହୋଇ ଓଡ଼ିଆଭାଷା ସାହିତ୍ୟ ଓ ଅସ୍ମିତା ଲାଗି ପ୍ରୟାସ କରିବେ ବୋଲି ପ୍ରକାଶ କରିଛନ୍ତି। ସୁପ୍ରଭାଙ୍କୁ କୋରେଇ ବିଧାୟକ ଆକାଶ ଦାସନାୟକ, ଆଇଜିଏମ୍ ହାୟର ସେକେଣ୍ଡାରି ସ୍କୁଲ୍ ଅଧକ୍ଷା ପଙ୍କଜିନୀ ପାଣି, ଯୁବନେତା ପ୍ରୀତିରଞ୍ଜନ ସାହୁ, ଜହ୍ନା ସରପଞ୍ଚ ସଂଯୁକ୍ତା ସାହୁ, ଶିଶୁମନ୍ଦିର ପ୍ରଧାନ ଗୁରୁଜୀ ପ୍ରଦୀପ୍ତ ବିଶ୍ୱାଳ ଓ ମହାବିଦ୍ୟାଳୟର ଛାତ୍ରୀଙ୍କ ସମେତ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ଜିଲା କାର୍ଯ୍ୟାଳୟରେ ରକ୍ତଦାନ ଶିବିର


ଜିଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ରକ୍ତଦାନ କରୁଛନ୍ତି।

ଯାଜପୁର ଟାଉନ,୨୨।୬ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଜିଲା କାର୍ଯ୍ୟାଳୟ ପରିସରରେ ଜିଲା ପ୍ରଶାସନ ଓ ଜିଲା ରେଡ୍‌କ୍ରସ ସଂସ୍ଥା ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜିଲାପାଳ ନିଖିଲ ପବନ କଲ୍ୟାଣ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ(ପ୍ରଶାସନ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶୁଭେନ୍ଦ୍ର ସାମଲ ଯୋଗଦେଇ ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ପ୍ରତି ୬ ମାସରେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅନ୍ୟର ଜୀବନ ବଞ୍ଚାଇବାରେ ସହାୟକ ହୁଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାଶିଷ ମହାରଣା, ଜିଲା ରେଡ୍‌କ୍ରସ୍ ସଂସ୍ଥା ସାଧାରଣ ସମ୍ପାଦକ କୂଳମଣି ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶିବିରରେ ରକ୍ତ ଭଣ୍ଡାର ଅଧିକାରୀ ଡା. ପ୍ରଶାନ୍ତ ବିଶ୍ୱାଳ, ଲାବରେଟୋରି ଟେକନିସିଆନ ପାର୍ଥସାରଥୀ ପୁହାଣ ଓ ତାଙ୍କ ଟିମ୍ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ଜିଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ୪୨ ୟୁନିଟ୍ ରକ୍ତ ଦାନ କରିଥିଲେ। କାର୍ଯ୍ୟ ନିର୍ବାହୀ କମିଟି ସଦସ୍ୟ ଦିଗମ୍ବର କର, ମନ୍ମଥ ମହାରଣା, ଆନନ୍ଦ ଚନ୍ଦ୍ର ସାହୁ, ଡ. ରୁଦ୍ରନାରାୟଣ ପୃଷ୍ଟି, ସମର ବିଜୟ ଶରଣ ଏବଂ ରେଡ୍‌କ୍ରସ ସଂସ୍ଥା କର୍ମକର୍ତ୍ତା ଗଙ୍ଗାଧର ଜେନା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ମୂଳ ଖରସ୍ରୋତା ପୁନରୁଦ୍ଧାର ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ: ବିଧାୟକ

ରସୁଲପୁର,୨୨।୬(ରଞ୍ଜିତ ରାଉତ):

ମୂଳ ଖରସ୍ରୋତାର ପୁନରୁଦ୍ଧାର ଦିଗରେ କୋରେଇ ବିଧାୟକ ଆକାଶ ଦାସନାୟକ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଖରସ୍ରୋତା ପୁନରୁଦ୍ଧାର ସମିତି, ମଧୁବନ ହାଟ ଏବଂ ରସୁଲପୁର ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଗୋପାଳପୁର ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ଦାସନାୟକ ଏକଥା କହିଛନ୍ତି। ଏଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖରସ୍ରୋତା ପୁନରୁଦ୍ଧାର ସମିତି ସଭାପତି ବେଣୁଧର ଦୋବାଇ, ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଜିତେନ୍ଦ୍ର କରଙ୍କ ସମେତ ଦୁଇ ଅନୁଷ୍ଠାନର ବହୁ ସଭ୍ୟ ଯୋଗ ଦେଇଥିଲେ। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଟିକରପଡ଼ା ଖଣ୍ଡିତର ପର୍ଯ୍ୟନ୍ତ ବ୍ୟାପ୍ତ ମୂଳ ଖରସ୍ରୋତାର ୧୨ କିଲୋମିଟର ଦୀର୍ଘ ଶୁଷ୍କ ନଦୀଶଯ୍ୟାର ପୁନରୁଦ୍ଧାର ପାଇଁ ଦୁଇ ଦଶନ୍ଧି ଧରି ଜନ ଆନ୍ଦୋଳନ ଚାଲିଆସୁଛି। ବହୁ ସମୟରେ ମନ୍ତ୍ରୀ,


ସମ୍ବର୍ଦ୍ଧନା ସଭାରେ ଆକାଶ ଦାସନାୟକ ଏବଂ ଅନ୍ୟମାନେ। ।

ସ୍ଥାନୀୟ ବିଧାୟକ ଏବଂ ସରକାରୀ ଅଧିକାରୀ ନଦୀ ପୁନରୁଦ୍ଧାର ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ବାସ୍ତବରେ ସେ ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ, ଯାହା କି ଜନ ଅସନ୍ତୋଷକୁ ତୀବ୍ର କରିଛି। ଚଳିତ ନିର୍ବାଚନ ପୂର୍ବରୁ ନଦୀ ପୁନରୁଦ୍ଧାର ପ୍ରତିଶ୍ରୁତି ନାହିଁ ତ ଭୋଟ ନାହିଁ ଡାକରା ଦିଆଯିବା ପରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ଏହି ପ୍ରସଙ୍ଗ ପ୍ରତି ଅଧିକ ସମ୍ବେଦନଶୀଳ ହୋଇଥିଲେ।

ଦାସନାୟକ ୨୦୧୪ରୁ୧୯ ପର୍ଯ୍ୟନ୍ତ ବିଧାୟକ ଥିବାବେଳେ ଏ ଦିଗରେ କିପରି ଆନ୍ତରିକ ଉଦ୍ୟମ କରିଥିଲେ ତାହା ମନେପକାଇ ଦେଇଥିଲେ। ମୂଳ ଖରସ୍ରୋତା ସହ ତାଙ୍କର ପିଲାବେଳର ସ୍ମୃତି ଉଜ୍ଜୀବିତ କରିବା ସହ ବହୁବାର ବିଧାନସଭାରେ ପ୍ରସଙ୍ଗ ଉଠାଇଥିବା କହିଥିଲେ। ଯେତେବେଳେ ପୁଣି ସୁଯୋଗ ଆସିଛି ଜନପ୍ରତିନିଧି ଭାବରେ ଏହି ମୌଳିକ ସମସ୍ୟାର ସମାଧାନ ଦିଗରେ ସେ ସମସ୍ତ ଉଦ୍ୟମ କରିବେ। ଧର୍ମଶାଳା ବିଧାୟକ ସୁଧାଂଶୁ ଶେଖର ସାହୁଙ୍କ ସହ ମଧ ସେ ଆଲୋଚନା କରିଥିବା କହିଥିଲେ।

ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି କର ନଦୀ ସହ ତାଙ୍କ ଚାକିରି ଜୀବନର ଦୀର୍ଘ ୪୦ ବର୍ଷର ସ୍ମୃତି ମନେପକାଇ ବିଧାୟକଙ୍କ ପାଖରେ ନଦୀକୁ ସୁନାବ୍ୟା କରିବାକୁ ଅନୁରୋଧ କରିଥିଲେ। ଏହି ଆନ୍ଦୋଳନର ସକ୍ରିୟ ସହଯୋଗୀ ଇଂ. ବିଶ୍ୱଜିତ ମହାନ୍ତି ନଦୀ ପୁନରୁଦ୍ଧାର ଦିଗରେ ଥିବା ପ୍ରତିବନ୍ଧକ ହଟାଇବା ପାଇଁ ବିଧାୟକଙ୍କ ପାଖରେ ନିବେଦନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ଶଶିଭୂଷଣ ସାହୁ, କୀର୍ତ୍ତନ ବିହାରୀ ସାହୁ, ଆଦିକନ୍ଦ ସାହୁ, ଆଦିକନ୍ଦ ମଲ୍ଲିକ, ରାମଚନ୍ଦ୍ର ରାଉତ, ସୁଧାଂଶୁ ମିଶ୍ର, ରଘୁନାଥ ପତି, ବିନୋଦ ବିହାରୀ ବେହେରା ଓ ନଗେନ୍ଦ୍ର ପତି ପ୍ରମୁଖ ସଭ୍ୟ ସହଯୋଗ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭ୍ୟ ପ୍ରଦୀପ ସାମଲ ଧନ୍ୟବାଦ ଦେଇଥିଲେ।

## ଭିତରକନିକାରୁ ବାଟେରା ଚେର ଜବତ, ଜଣେ ଗିରଫ



ରାଜନଗର,୨୨।୬(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନର କାଳିଭଞ୍ଜିଡିଆ ଜଙ୍ଗଲରୁ ଶୁକ୍ରବାର ଭୋରୁ ବାଟେରା ଓ ଗରାଣି ଚେର କାଟି ନେଉଥିବା ବେଳେ ରାଜକନିକା ବ୍ଲକ ଖୁଣ୍ଟା ଗ୍ରାମର ରତ୍ନାକର ମଲିକଙ୍କୁ ବନବିଭାଗ ଟିମ୍‌ କାବୁ କରିଛି। କୌଣସି ସୂତ୍ରରୁ ଖବରପାଇ ସହକାରୀ ବନସଂରକ୍ଷକ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ଲକ୍ଷ୍ମୀଧର ବାରିକ, ଫରେଷ୍ଟଗାର୍ଡ କଳ୍ପତରୁ ସେଠୀ, ଅବକାଶ ପାତ୍ର ପ୍ରମୁଖ ରତ୍ନାକରଙ୍କୁ ଗିରଫ କରିଥିଲେ । ତାଙ୍କ ପାଖରୁ ୨ଟି କଟୁରୀ, ଗୋଟିଏ କୁରାଢ଼ୀ, ୨ ବସ୍ତା ଗରାଣୀ ଓ ୬ ବସ୍ତା ବାଟେରା ଚେର ସହ ଦୁଇଟି ହରିଣ ଫାଶ ଜବତ କରାଯାଇଛି। ବନବିଭାଗ ପକ୍ଷରୁ ରତ୍ନାକରଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ରାଜନଗର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ପାନୀୟ ଜଳ ବଦଳରେ ଆସୁଛି ଦୂଷିତ ପାଣି

ପଟ୍ଟାମୁଣ୍ଡାଇ,୨୨।୬(କଳ୍ପତରୁ ନାୟକ)

- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ
- ପୁରୁଣା ପାଇପ୍‌ ଯୋଗୁ ଅଧିକାଂଶ ସ୍ଥାନରେ ଫାଟ

ଗ୍ରାମାଞ୍ଚଳର ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ଏଥିପାଇଁ ଅନେକ କୋଟି ଟଙ୍କା ବ୍ୟୟ କରାଯାଇ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। ହେଲେ ଅଧିକାଂଶ ସ୍ଥାନରେ ଯୋଜନା ନାମରେ ଅର୍ଥ ବାଟମାରଣା କରାଯାଉଥିବାରୁ ଏହି ଯୋଜନାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାରେ ସଫଳ ରୂପାୟନ ହୋଇପାରୁ ନାହିଁ । ଏହାର ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର ପଞ୍ଚାୟତ ଅଡାଖଣ୍ଡ ଗ୍ରାମରେ । ଉକ୍ତ ଅଞ୍ଚଳରେ ଥିବା ପାନୀୟ ଜଳ ପ୍ରକଳ୍ପରୁ ଦୂଷିତ ଗୋଳିଆ ପାଣି ଆସୁଥିବାରୁ ତାହା ପାନୀୟ ଉପଯୋଗୀ ହେଉନାହିଁ । ସ୍ଥାନୀୟ ଜନସାଧାରଣ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଏହାର ସୁଫଳ ମିଳୁନାହିଁ । ତୁରନ୍ତ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

ସୂଚନା ଅନୁଯାୟୀ, ୨୦୦୮-୦୯ ଆର୍ଥିକ ବର୍ଷରେ ନରସିଂହପୁର ପଞ୍ଚାୟତ ଅଠରବାଟିଆ ଗ୍ରାମରେ ଏକ ପାନୀୟ ଜଳ ନିର୍ମାଣ କରାଯାଇ ଅଠରବାଟିଆ, ଅଇନିପଡା ଓ ଅଡାଖଣ୍ଡ ଗ୍ରାମକୁ ପାଇପ୍‌ ଯୋଗେ ପାନୀୟଜଳ ଯୋଗାଣ କରାଯାଉଥିଲା । ମାତ୍ର ୧ ବର୍ଷ ପୂର୍ବେ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଅଡାଖଣ୍ଡ ଗ୍ରାମରେ ଏକ ନୂତନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ସେଥିରେ ପୁରୁଣା ପିଭିସି ପାଇପ୍‌ ବ୍ୟବହାର କରାଯାଇ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଣ କରାଗଲା । ମାତ୍ର ଉକ୍ତ ପାଇପ ବହୁଦିନର ହୋଇଥିବାରୁ ବିଭିନ୍ନ ସ୍ଥାନରେ ଫାଟି ଯାଇଛି । ଫଳରେ ନର୍ଦ୍ଦମା ଓ ଗୋଳିଆ ପାଣି ପାଇପ୍‌ରେ ପ୍ରବେଶ କରି ଏ ସମସ୍ୟା ସୃଷ୍ଟି କରୁଛି । ଅଧିକାଂଶ ସମୟରେ ଗୋଳିଆ ଓ ପଟା ପାଣି ଆସୁଛି । ସେହିପାଣିରେ ପୋକ ବି ବାହାରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପ୍ରାୟ ୫ ଶହ ପରିବାର ଉକ୍ତ ପ୍ରକଳ୍ପରୁ ପାଣି ବ୍ୟବହାର କରୁଛନ୍ତି । ସେମାନେ ବାରମ୍ବାର ଜଳଯୋଗାଣ ଓ ପରିମଳ ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରୁନାହିଁ। ଗ୍ରାମରେ ୬ଟି ନଳକୂପ ଥିବାବେଳେ କେଉଁ ନଳକୂପରୁ ପାଣି ବାହାରୁଛି ତ ଆଉ କେଉଁ ନଳକୂପରୁ ପାଣି ବାହାରୁ ନାହିଁ। ଫଳରେ ଅନ୍ୟ କୌଣସି ଉପାୟ ନ ପାଇ ଗ୍ରାମବାସୀ ସେହି ପାଣିକୁ ଛାଣି ଫୁଟାଇ ବ୍ୟବହାର କରି ନିଜର ଶୋଷ ମେଣ୍ଟାଉଛନ୍ତି । ଉକ୍ତ ପ୍ରକଳ୍ପକୁ ତୁରନ୍ତ ମରାମତି କରିବା ସହିତ ନୂଆ ପାଇପ୍‌ ଲାଇନ ପକାଇ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ରାଜେନ୍ଦ୍ର ନାରାୟଣ ଦାଶ, ରାହାସ ବିହାରୀ ଦାଶ, ଭଗବାନ ଗିରି, କାଙ୍ଗାଳି ମଲିକ, ଦିବାକର ମଲିକ, କୁଳମଣି ପରିଡା, ଯୁବତୀ ମଲିକ, ଅହଲ୍ୟା ପାଢ଼ୀ, ନିର୍ଝରିଣୀ ପଣ୍ଡା ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବିଶ୍ୱଜିତ ମିଶ୍ରଙ୍କୁ ପଚାରିବାରୁ ଗତ ୩ ଦିନ ପୂର୍ବେ ଗୋଳିଆ ପାଣି ଆସୁଥିଲା । ମରାମତି କରାଯାଇଛି । ଅନ୍ୟ ସ୍ଥାନରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।



ନଳକୂପରୁ ବାହାରୁଥିବା ଦୂଷିତ ପାଣି।



ପଟ୍ଟାମୁଣ୍ଡାଇ ପତିତପାବନ ମନ୍ଦିରରେ ଶ୍ରୀଜୀଉଙ୍କ ସ୍ନାନପୂର୍ଣ୍ଣିମା।

## ପତିତପାବନ ମନ୍ଦିରରେ ସ୍ନାନପୂର୍ଣ୍ଣିମା ପାଳିତ

ପଟ୍ଟାମୁଣ୍ଡାଇ,୨୨।୬(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ପୋଖରୀଆପଡା ପତିତପାବନ ମନ୍ଦିରରେ ପବିତ୍ର ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜକମାନେ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା'ସୁଭଦ୍ରାଙ୍କ ପୂଜାର୍ଚ୍ଚନା କରିଥିଲେ । ସକାଳ ୯.୧୫ ମିନିଟରେ ଠାକୁରଙ୍କୁ ପହଣ୍ଡି କରାଯାଇ ସ୍ନାନ ମଣ୍ଡପକୁ ଅଣାଯାଇଥିଲା । ୧୦.୩୦ରେ ୧୦୮ କଳସ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ଅପରାହ୍ଣରେ ହାତୀବେଶ କରାଯାଇଥିଲା। ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି ଓ ରାତି ୯ଟାରେ ପହଣ୍ଡି ବିଜେ ପରେ ଠାକୁର ଅଣସର ଘରକୁ ବିଜେ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ମନ୍ଦିର ଦଇତାପତି ସେବକମାନେ ସ୍ନାନପୂର୍ଣ୍ଣିମାର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ସେହିପରି ଖଡିପାଳ ଗ୍ରାମର ଶ୍ରୀ ଶ୍ରୀ ବାସୁଦେବ ଗୋସାଇଁଙ୍କୁ ସ୍ନାନ ମଣ୍ଡପରେ ପୂଜକ ଦେବଦତ୍ତ ନନ୍ଦ ପୂଜାର୍ଚ୍ଚନା ଶେଷ କରିଥିଲେ । ପଟ୍ଟାମୁଣ୍ଡାଇର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ସମ୍ପନ୍ନ ହୋଇଥିଲା ।

## ରାଜନଗର ଜେଏମ୍‌ଏଫ୍‌ସିଙ୍କୁ ସମ୍ବର୍ଦ୍ଧନା

ରାଜନଗର,୨୨।୬(ଭାସ୍କର ରାଉତରାୟ)

ରାଜନଗର ଓକିଲ ସଂଘ ପକ୍ଷରୁ ରାଜନଗର ଜେଏମ୍‌ଏଫ୍‌ସି କୋର୍ଟର ବିଚାର ବିଭାଗୀୟ ଅଧିକାରିଣୀ ଜ୍ୟୋତିର୍ମୟୀ ଷଡ଼ଙ୍ଗୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ନ୍ୟାୟାଧିଶ ଷଡଙ୍ଗୀ ୨୫ ଜାନୁଆରୀ ୨୦୨୨ରେ ରାଜନଗର ଜେଏମ୍‌ଏଫ୍‌ସି କୋର୍ଟରେ ନ୍ୟାୟାଧିଶ ଭାବେ ଯୋଗଦେଇଥିଲେ। ତାଙ୍କର କାର୍ଯ୍ୟକାଳ ସମୟ ମଧ୍ୟରେ ରାଜନଗର ବ୍ଲକର ଚକ୍ରଧରପୁରଠାରେ ନୂତନ କୋର୍ଟଗୃହ ସ୍ଥାପନ କରିବାରେ ତାଙ୍କର ଯଥେଷ୍ଟ ଅବଦାନ ରହିଥିଲା । ଏଥିସହିତ ରେକର୍ଡ ସଂଖ୍ୟକ କେସ୍‌ର ଫଇସଲା କରି ଲୋକମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିଛନ୍ତି । ତାଙ୍କର ରାୟଗଡା କୋର୍ଟକୁ ବଦଳି ହୋଇଛି। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ରାଜନଗର ଓକିଲ ସଂଘର ସଭାପତି ଉମେଶ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ସରକାରୀ ଓକିଲ ନଳିନୀକାନ୍ତ ମଙ୍ଗରାଜ, ପ୍ରଭାତ କୁମାର ଜେନା, ମନୋରଞ୍ଜନ କବି, ଲକ୍ଷ୍ମଣ କୁମାର ରାଉତ, ସୁଧାଂଶୁ ସାହୁ, ବୀର କିଶୋର ମହାନ୍ତି, ମନ୍ମଥ ରାଉତ ପ୍ରମୁଖ ଯୋଗଦେଇ ନ୍ୟାୟାଧିଶ ଷଡ଼ଙ୍ଗୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ଓକିଲ ସଂଘର ସମସ୍ତ ଓକିଲ ଉପସ୍ଥିତ ଥିଲେ।



ଜେଏମ୍‌ଏଫ୍‌ସି କୋର୍ଟର ଜଜ୍‌ ଜ୍ୟୋତିର୍ମୟୀ ଷଡ଼ଙ୍ଗୀଙ୍କୁ ବିଭାଗୀୟ କର୍ମଚାରୀମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ସ୍ନାନବେଦିରେ ଚତୁର୍ଦ୍ଧାମୂର୍ତ୍ତି, ବହୁ ଶ୍ରଦ୍ଧାଳୁଙ୍କ ସମାଗମ



ରାଜନଗର ସ୍ନାନବେଦିରେ ଶ୍ରୀଜୀଉ।

ରାଜନଗର, ୨୨।୬ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ କେରଡାଗଡସ୍ଥିତ ପୁରାଣ ପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ସ୍ନାନପୂର୍ଣ୍ଣିମା ନୀତି ସନ୍ଧ୍ୟାରେ ଶେଷ ହୋଇଛି। ଶନିବାର ପୂର୍ବାହ୍ଣ ସାଢେ ୧୦ଟାରେ ଶ୍ରୀଜୀଉଙ୍କୁ ରତ୍ନ ସିଂହାସନରୁ ବଡ଼ପଣ୍ଡାମାନେ ଓହ୍ଲାଇ ସ୍ନାନ ମଣ୍ଡପକୁ ଆଣିଥିଲେ। ବାଡରେ ଶ୍ରୀ ଜୀଉଙ୍କ ପହଣ୍ଡି ବିଜେ ଦୃଶ୍ୟ ଉପସ୍ଥିତ ୨୨ମୌଜାର ଶ୍ରଦ୍ଧାଳୁମାନଙ୍କୁ ବିମୋହିତ କରିଥିଲା। ଶତାଧିକ ଭକ୍ତ ଉପସ୍ଥିତ ରହି ସ୍ନାନମଣ୍ଡପରେ ଶ୍ରୀଜୀଉଙ୍କ ମହାସ୍ନାନ ଦୃଶ୍ୟକୁ ଦର୍ଶନ କରିଥିଲେ। ବଡପଣ୍ଡା ନିତ୍ୟାନନ୍ଦ ଦାଶ, ମଦନମୋହନ ରଥ, ସୋମନାଥ ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀଜୀଉଙ୍କ ରୀତିନୀତି ତିଥି ଅନୁସାରେ କରାଯାଇଥିଲା। ପରେ ଶ୍ରୀ ଜୀଉଙ୍କୁ ଅଣସର ଘରକୁ ନିଆଯାଇଥିଲା। ସ୍ନାନମଣ୍ଡପରେ ଶ୍ରୀଜୀଉଙ୍କୁ ଗଜାନନ ବେଶରେ ସୁସଜ୍ଜିତ କରାଯାଇଥିଲା। ସେହିପରି ଉକ୍ତ ବ୍ଲକ ଅଧୀନ ବଙ୍ଗୋପସାଗର ତଟବର୍ତ୍ତୀ ପେଣ୍ଠସ୍ଥିତ ଶ୍ରୀବନବିହାରୀଜୀଉ, ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ରିଘାଗଡସ୍ଥିତ ଶ୍ରୀବଳଦେବଜୀଉ ଏବଂ ରାଜନଗରସ୍ଥିତ ଶ୍ରୀଦଧିବାମନ ଜୀଉଙ୍କ ଦେବସ୍ନାନ ନୀତି ସମ୍ପର୍ଣ୍ଣ କରାଯାଇଛି। ବ୍ରାହ୍ମଣସାହି ପଞ୍ଚାୟତର ଗଜରାଜପୁରସ୍ଥିତ ଶ୍ରୀ ନିଳାଦ୍ରୀନାଥ ମନ୍ଦିର (ଇସ୍କନ)ରେ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ତିନିଦିଅଁଙ୍କ ସ୍ନାନ ପୂର୍ଣ୍ଣିମା ନୀତି ଶେଷ ହୋଇଥିଲା ।

## ୫-ଟି କାମର ତଦନ୍ତ ପରେ ବିଲ୍‌ ପ୍ରଦାନ କରିବାକୁ ଦାବି

### ଗରଦପୁର ବିଡିଓଙ୍କୁ ଭେଟିଲେ ଭାଜପା ପ୍ରତିନିଧି

ପାଟକୁରା,୨୨।୬(ରବୀନ୍ଦ୍ର ନାଥ ବାରିକ)

ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ ପାଟକୁରା ଭାଜପା ଏବେ ଆକ୍ସନ ମୁଡ୍‌କୁ ଆସିଛି । ନୂତନ ସରକାରଙ୍କ ବିଭିନ୍ନ ଯୋଜନାରେ ସ୍ୱଚ୍ଛତା ଓ ପ୍ରଶାସନ କିଭଳି ଲୋକାଭିମୁଖୀ ହୋଇ ଜନସାଧାରଣଙ୍କ ଆସ୍ଥାଭାଜନ ହେବ ସେ ନେଇ ଗୁରୁତ୍ୱାରୋପ କରାଯାଇଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପାଟକୁରା ଭାଜପା ପକ୍ଷରୁ ଗରଦପୁର ବିଡିଓ ପ୍ରଦ୍ୟୁମ୍ନ ନାୟକଙ୍କୁ ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ରାପଡ଼ା ଜିଲା ଉପସଭାପତି ପ୍ରସନ୍ନ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । ଗରଦପୁର ବ୍ଲକରେ ଗତ ସରକାର ଅମଳରେ ହୋଇଥିବା ବିଭିନ୍ନ ଅନିମିୟଚା ଓ ଦୁର୍ନୀତି ସହ ବ୍ଲକରେ ୫-ଟି ଯୋଜନାରେ ବିଭିନ୍ନ ବିଦ୍ୟାଳୟରେ ହୋଇଥିବା ରୂପାନ୍ତରିତ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଛି । ଏହାର ତଦନ୍ତ କରି ବିଲ୍‌ ପ୍ରଦାନ କରନ୍ତୁ ନଚେତ୍‌ ବିଲ୍‌ ପ୍ରଦାନ ବନ୍ଦ ରଖିବାକୁ ସେମାନେ ଦାବି କରିଛନ୍ତି । ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ରାଶନ କାର୍ଡ ପ୍ରଦାନରେ ଅନିୟମିତତା ସହ ଆମ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବ୍ୟାପକ ଦୁର୍ନୀତି ହୋଇଛି । ଏହି ସବୁ କାର୍ଯ୍ୟ ବନ୍ଦ କରିବା ସହ ବିଲ୍‌ ବନ୍ଦ ରଖିବାକୁ ପ୍ରତିନିଧି ଦଳ ବିଡିଓଙ୍କୁ କହିଛନ୍ତି । ଏହି ପ୍ରତିନିଧି ଦଳରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ନାୟକ, ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀ,ସନ୍ତୋଷ ରାଉତ, ତପନ ପ୍ରଧାନ, ଭାଜପା ନେତା ନୟନ ବଲ୍ଲଭ ନାୟକ, ସଞ୍ଜୟ ସ୍ୱାଇଁ, ବିଜ୍ଞାନ ରତ୍ନ ସୂତାର, ମନୋଜ ମଲିକ , କୁମରବର ରାଉତ ପ୍ରମୁଖ ସାମିଲ ହୋଇଥିଲେ ।



ଭାଜପା ପ୍ରତିନିଧି ଦଳ ବିଡିଓଙ୍କ ସହିତ ଆଲୋଚନା କରୁଛନ୍ତି।

## ରାମଚଣ୍ଡୀଙ୍କ ପୀଠରୁ ରକ୍ତ ଚନ୍ଦନ ଗଛ ଚୋରି

ମହାକାଳପଡ଼ା,୨୨।୬(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା'ରାମଚଣ୍ଡୀ ମନ୍ଦିର ପରିସରରେ ଥିବା ଏକ ରକ୍ତ ଚନ୍ଦନ ଗଛ ଚୋରି ହୋଇଛି। ଏ ନେଇ ମା'ରାମଚଣ୍ଡୀ ଆଞ୍ଚଳିକ ସେନା ପକ୍ଷରୁ ଜମ୍ବୁ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଶନିବାର ଅପରାହ୍ଣରେ ମା'ରାମଚଣ୍ଡୀ ଆଞ୍ଚଳିକ ସେନା ପକ୍ଷରୁ ପୀଠ ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା ।

ରକ୍ତ ଚନ୍ଦନ ଚାରାକୁ ୨୦୧୩ରେ ଭାଜପା ନେତା ତଥା ଆଜିର ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଖରିନାଶିକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସି ରୋପଣ କରିଥିଲେ। ଚନ୍ଦନ ଗଛ ଚୋରି ହେବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଏକ ପ୍ରତିନିଧି ଦଳ ଭେଟିବା ପାଇଁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି । ବୈଠକରେ ସେନା ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଅଶୋକ କୁମାର ସ୍ୱାଇଁ , କଳ୍ପତରୁ ସାମଲ, ବିରଞ୍ଚି ନାରାୟଣ ଦାସ, ବିକାଶ ଦେବନାଥ, ସୁଜିତ୍‌ ମାଇତି , ନିଭୁ ମହାପାତ୍ର , ଭବେନ ମଣ୍ଡଳ , ନଳିନୀକାନ୍ତ ଚୌଧୁରୀ, ଶ୍ରୀମନ୍ତ ଦାସ , ପବିତ୍ର ବେହେରା , ନରୋତ୍ତମ ଦେବନାଥ, ସବ୍ୟସାଚୀ ମହାମଲ୍ଲ, ପରିତୋଷ ଦେବନାଥ , ସୁବାସ ସ୍ୱାଇଁ , ସଂଗ୍ରାମ କେଶରୀ ମହାମଲ୍ଲଙ୍କ ସମେତ ସେନା ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ନିମ୍ନମାନର ରାସ୍ତା,ସେତୁକୁ ନେଇ ଚିନ୍ତା

### କେନ୍ଦ୍ରାପଡ଼ା ସୁରକ୍ଷା ସମିତି ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି

କେନ୍ଦ୍ରାପଡ଼ା,୨୨।୬(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ନିର୍ମାଣ ହେଉଥିବା ରାସ୍ତାର ସ୍ଥାୟିତ୍ୱ ବର୍ଷଟିଏ ରହୁନାହିଁ। ନିର୍ମାଣ ପରେ ଅଥବା କାମ ଚାଲୁଥିବା ବେଳେ ସେତୁ ଭୁଶୁଡ଼ି ପଡୁଛି । ଗତ ୮ ତାରିଖରେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ତିନିମୁହାଣୀ ନିକଟ ଚଟିପୋଲର କିଛି ଅଂଶ ଗୋବରୀ ନଦୀକୁ ଧସି ପଡିଛି । ସେହିପରି ସେଠାରେ ନିର୍ମାଣାଧୀନ ଏକ ପୋଲର କାନ୍ଥ ୨୦୨୨ରେ ଭୁଶୁଡି ପଡିଥିଲା । ଆଗକୁ ବର୍ଷାଋତୁ ଆସୁଥିବାରୁ ରାସ୍ତା ଓ ସେତୁକୁ ନେଇ ହୋଇଥିବା ଅବ୍ୟବସ୍ଥା ଜିଲାବାସୀଙ୍କ ଯାତାୟତରେ ଆଶଙ୍କା ସୃଷ୍ଟି କରିଛି । ତୁରନ୍ତ ରାସ୍ତା ଓ ସେତୁ ନିର୍ମାଣ ସହ ନିମ୍ନମାନର କାର୍ଯ୍ୟ କରିଥିବା ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି କେନ୍ଦ୍ରାପଡା ସୁରକ୍ଷା ସମିତି ପକ୍ଷରୁ କରାଯାଇଛି।

ସହରର ତିନିମୁହାଣୀସ୍ଥିତ ରାମମନ୍ଦିର ପରିସରରେ ଏକ ଖବରଦାତା ସମ୍ମିଳନୀ ଶନିବାର ଆୟୋଜିତ ହୋଇଥିଲା । ଏଥିରେ ପରିଷଦ କର୍ମକର୍ତ୍ତା କରୁଣାକର ସାହୁ, ଶଶାଙ୍କ ଶେଖର ଜେନା, ମାଧବ ଜେନା, ବଟକୃଷ୍ଣ ମହାରଣା ପ୍ରମୁଖ ଯୋଗ ଦେଇଥିଲେ । ସେମାନେ କହିଥିଲେ, ଗତ କିଛି ବର୍ଷ ଧରି ବିଭିନ୍ନ ବିଭାଗର ପଦାଧିକାରୀ ଓ ଠିକାଦାରଙ୍କ ସଲାସୁତୁରା ନୀତି ଯୋଗୁ ଜିଲା ବିକାଶ ବନ୍ଦ ହୋଇଛି । ସରକାରୀ ଅନୁଦାନ ଆସୁଥିଲେ ମଧ୍ୟ ଚୁକ୍ତି ମୁତାବକ କାର୍ଯ୍ୟ ହେଉନାହିଁ । ପ୍ରତ୍ୟେକ ରାସ୍ତାର ସୁରକ୍ଷା ପାଇଁ ସର୍ବନିମ୍ନ ସମୟ ଅବଧି ୫ ବର୍ଷ ରହିଥାଏ । ତେବେ ଏହି ଜିଲାରେ ନିର୍ମାଣର ମାସେ ସମୟ ମଧ୍ୟରେ ରାସ୍ତାଗୁଡିକ ଯାତାୟତ ପାଇଁ ଅନୁପଯୋଗୀ ହୋଇପଡୁଛି । ସେହିପରି ନିର୍ମାଣ ଅବଧି ଶେଷ ପରେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ଅଧା ପର୍ଯ୍ୟନ୍ତ ଯାଉନାହିଁ । ନିକଟରେ ଦୁଇଟି ଘଟଣା ଜନବହୁଳ ଯାତାୟତ ରାସ୍ତା ତିନିମୁହାଣୀ ନିକଟରେ ଘଟିଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ ତତ୍ପରତା ପ୍ରକାଶ କରୁନାହାନ୍ତି । ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ଏହି ରାଜ୍ୟ ରାଜପଥରେ ଯାତାୟତ ବିପର୍ଯ୍ୟସ୍ତ ହେବାର ଆଶଙ୍କା ରହିଛି । ତୁରନ୍ତ ଏହି ସମସ୍ୟାର ସମାଧାନ ସହିତ ନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି । ଏହି ସମ୍ମିଳନୀରେ ପରିଷଦର ପର୍ଶୁରାମ ସାହୁ, ଗୋଲକ ସେଠୀ, ନରେନ୍ଦ୍ର ସାହୁ, କାଳନ୍ଦୀ ପୃଷ୍ଟି, ମନୋରଞ୍ଜନ ସାମଲ ପ୍ରମୁଖ ସାମିଲ ହୋଇଥିଲେ ।



ଚଟିପୋଲର କିଛି ଅଂଶ ଗୋବରୀ ନଦୀକୁ ଧସି ପଡିଛି।

# ୩ ବର୍ଷ ହେଲା ତଳେ ବସି ପଢୁଛନ୍ତି ଛାତ୍ରୀଛାତ୍ର

ଡେରାବିଶ, ୨୨।୬(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଆଦର୍ଶ ବିଦ୍ୟାଳୟ ଅବ୍ୟବସ୍ଥା
- ଅର୍ଥ ଥାଇ ମଧ ବେଞ୍ଚ, ଡେସ୍କ ଯୋଗା ଯାଉନାହିଁ
- ଜିଲା ଶିକ୍ଷାଧିକାରୀଙ୍କ ମନମାନି
- ଅଭିଭାବକ ମହଲରେ ଅସନ୍ତୋଷ

ଶିକ୍ଷା ବ୍ୟବସ୍ଥାକୁ ସମୃଦ୍ଧ କରିବା ପାଇଁ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ଗୋଟିଏ ଲେଖାଏ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ୨୦୨୨ରୁ କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ କୁରୁଜଙ୍ଗାଠାରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ହେଲେ ଏହି ବିଦ୍ୟାଳୟ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ୨୦୨୨ରୁ ବ୍ଲକ ଅଧୀନ ଚାଟରାଚକୋଡା ପଞ୍ଚାୟତ ହାପିମେଳକ ପ୍ରାଥମିକ ବିଦ୍ୟାଳୟରେ ଅସ୍ଥାୟୀ ଭାବେ ଦେଢବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟାଳୟ ଚାଲୁଥିଲା। କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ନବନିର୍ମିତ ଗୃହ କାର୍ଯ୍ୟ ଅର୍ଦ୍ଧନିର୍ମିତ ଅବସ୍ଥାରେ ଆଦର୍ଶ ବିଦ୍ୟାଳୟ ପାଇଁ ୬ଟି କୋଠରି ହସ୍ତାନ୍ତର ପରେ ବିଦ୍ୟାଳୟ ସ୍ଥାନାନ୍ତର ହୋଇଥିଲା। ଗଣଶିକ୍ଷା ବିଭାଗର ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ପାଇଁ ବେଞ୍ଚ, ଡେସ୍କ, ଶିକ୍ଷକମାନଙ୍କ ପାଇଁ ଚେୟାର, ଟେବୁଲ ଓ ଅନ୍ୟ ସରଞ୍ଜାମ ଯୋଗାଇ ଦେବା ପାଇଁ କର୍ତ୍ତୃପକ୍ଷ କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ଆର୍ଥିକ ଅନୁଦାନ ଯୋଗାଇ ଦେଇଥିଲେ। ବିଦ୍ୟାଳୟ ଖୋଲାଯିବା ଇତିମଧ୍ୟରେ ୩ବର୍ଷ ଅତିକ୍ରମ କରିଯାଇଥିଲେ ମଧ ପିଲାଙ୍କ ପାଇଁ ଏଯାଏଁ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ବେଞ୍ଚ, ଡେସ୍କ ଯୋଗାଇ ଦିଆଯାଇନାହିଁ। ଶିକ୍ଷା ଅଧ୍ୟୟନ ପାଇଁ ନିଯୁକ୍ତ ହୋଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ମଧ ଚେୟାର, ଟେବୁଲ୍‌, ଆଲମିରା, ଅନ୍ୟ ସରଞ୍ଜାମ ଯୋଗା ନ ଯିବାରୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ଅଭିମନ୍ୟୁ ରାଉତ କହିଛନ୍ତି, ଜିଲା ଶିକ୍ଷାଧିକାରୀଙ୍କ ମନମାନି ଏହି ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ ଦୁର୍ବଳ କରିବାରେ ଲାଗିଛି। ଯଶୋବନ୍ତ ପ୍ରଧାନ କହିଛନ୍ତି, ଏ ବିଷୟରେ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କୁ ଅଭିଭାବକମାନେ ବାରମ୍ବାର ନିବେଦନ କରିଥିଲେ ମଧ ଟେଣ୍ଡର କାର୍ଯ୍ୟ କରାଯାଇ ଖୁବ୍‌ଶୀଘ୍ର ଡେସ୍କ, ବେଞ୍ଚ, ଚେୟାର, ଟେବୁଲ ଓ ଆଲମିରା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ମାତ୍ର କେତେବେଳେ ନିର୍ବାଚନ ଆଚରଣ ବିଧି ଓ ଆଚରଣ ବିଧି ଉଠିଲା ପରେ ବିଦ୍ୟାଳୟକୁ ସରଞ୍ଜାମ ଯୋଗାଇ ଦିଆଯିବ କେବଳ ଆମମାନଙ୍କୁ ମିଛ ଆଶ୍ୱାସନା ଦେଉଛନ୍ତି। ଚଳିତ ଶିକ୍ଷାବର୍ଷ ପାଇଁ ଗତ ୧୭ ତାରିଖରୁ ବିଦ୍ୟାଳୟ ଖୋଲାଯାଇଛି। ସକାଳୁଆ ବିଦ୍ୟାଳୟ ହେଉଥିବା ବେଳେ ଛାତ୍ରୀଛାତ୍ରଙ୍କ ପାଇଁ ବେଞ୍ଚ, ଡେସ୍କ ନ ଥିବାରୁ ଶ୍ରେଣୀଗୃହରେ ତଳେ ବସି ସେମାନେ ଅଧ୍ୟୟନ କରୁଛନ୍ତି। ଦୀର୍ଘ ୩ ବର୍ଷ ଧରି ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ତଳେ ବସି ଅଧ୍ୟୟନ କରୁଥିବାକୁ ନେଇ ଅଭିଭାବକମାନେ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଭେଟି ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ଏ ବିଷୟରେ ଅଧ୍ୟକ୍ଷ ପ୍ରିୟବ୍ରତ ସ୍ୱାଇଁଙ୍କୁ ପଚାରିବାରୁ ଏଯାଏଁ କୌଣସି ସରଞ୍ଜାମ ଆସି ନ ଥିବାରୁ ପିଲାଙ୍କୁ ଶିକ୍ଷାଦାନ ପାଇଁ ଦୁଇଟି ନୂଆପାଲ କିଣାଯାଇ ତଳେ ପକାଯାଇଛି। ତୁରନ୍ତ ସରଞ୍ଜାମ ଯୋଗାଇ ଦେବା ପାଇଁ ବିଦ୍ୟାଳୟ ସଙ୍ଗଠନ କର୍ତ୍ତୃପକ୍ଷ ଓ ସେ ନିଜେ ଜିଲା ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଚିଠି ଦ୍ୱାରା ଜଣାଇଛନ୍ତି। ଶିକ୍ଷାଧିକାରୀ ନାଗଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଟେଣ୍ଡର କରାଯାଇ ବିଦ୍ୟାଳୟକୁ ସରଞ୍ଜାମ ଯୋଗାଇ ଦିଆଯିବ। ଏହାର ବିକଳ୍ପ କ'ଣ ବୋଲି ପଚାରିବାରୁ ଶିକ୍ଷା ଅଧିକାରୀ ନାଗ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ବର୍ତ୍ତମାନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୪୨ ରହିଛି। ସେଥିମଧ୍ୟରୁ ଷଷ୍ଠ ଶ୍ରେଣୀରେ ୮୦, ସପ୍ତମରେ ୮୨ ଓ ଅଷ୍ଟମ ଶ୍ରେଣୀରେ ୮୦ଜଣ ଛାତ୍ରୀଛାତ୍ର ଅଧ୍ୟନରତ ଅଛନ୍ତି। ପିଲାଙ୍କୁ ଶିକ୍ଷାଦାନ ପାଇଁ ୮ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତ ପାଇଛନ୍ତି। ଏପରିକି କାର୍ଯ୍ୟାଳୟରେ ଶିକ୍ଷକମାନଙ୍କ ବସିବା ପାଇଁ ଚେୟାର୍‌, ଟେବୁଲ୍‌ ନ ଥିବାରୁ ସେମାନେ ଛିଡାହୋଇ ରହୁଥିବା ଦେଖିବାକୁ ମିଳୁଛି। ଆଦର୍ଶ ବିଦ୍ୟାଳୟର ଅବ୍ୟବସ୍ଥା ପାଇଁ ବ୍ଲକ ଅଞ୍ଚଳରେ ଶିକ୍ଷାବିତ୍‌ ମହଲରେ ଗଭୀର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶିକ୍ଷାବିତ୍‌ ଅଧ୍ୟାପକ ଗୋଲକ ଚନ୍ଦ୍ର ମହାଭୋଇ କହିଛନ୍ତି, ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଅଧ୍ୟୟନ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ଏହି ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଭାବେ କେନ୍ଦ୍ରାପଡ଼ା ଜିଲାପାଳ ରହିଥିବା ବେଳେ ଏହି କମିଟିରେ ଅତିରିକ୍ତ ଜିଲାପାଳ, ଡେରାବିଶ ବିଡିଓ ଓ ବହୁ ବୁଦ୍ଧିଜୀବୀ ରହିଛନ୍ତି। ମାତ୍ର ଦୀର୍ଘବର୍ଷର ସମସ୍ୟାକୁ ସମାଧାନ କରିବାକୁ କାହାରି ଯେପରି ଆନ୍ତରିକତା ନ ଥିବା ପରି ମନେ ହେଉଛି।



ତଳେ ବସି ପଢୁଥିବା ଛାତ୍ରୀଛାତ୍ର।

# ସ୍ନାନ ପରେ ଗଜାନନ ବେଶ

ନୟାଗଡ଼,୨୨।୬(ଲୋକନାଥ ମିଶ୍ର)

ଶନିବାର ପବିତ୍ର ଜ୍ୟେଷ୍ଠ ପୂର୍ଣ୍ଣମୀ ଅବସରରେ ନୟାଗଡ଼, ଇଟାମାଟି, ଗୋଡିପଡା ଓ ଶରଣକୁଳରେ ବିରାଜିତ ଶ୍ରୀଜୀଉମାନଙ୍କ ସ୍ନାନୋତ୍ସବ ପାରମ୍ପରିକ ରୀତିରେ ସମାପନ ହୋଇଯାଇଛି । ସ୍ନାନ ପରେ ସମସ୍ତ ନୀତି ଶେଷ କରାଯାଇ ଠାକୁରମାନଙ୍କର ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା । ପରେ ସାହାଣମେଲା ହୋଇଥିଲା । ବର୍ଷକୁ ଥରେ ପ୍ରତ୍ୟେକ୍ଷ ସ୍ନାନ କରି ଶ୍ରୀଜୀଉମାନଙ୍କ ଶରୀର ଅସୁସ୍ଥ ହୋଇ ପଡିଥିଲା । ଉପଚାର ପାଇଁ ତିନି ଠାକୁର ବିଳମ୍ବିତ ରାତିରେ ଅଣସରକୁ ବିଜେ କରିଥିଲେ ।

ନୟାଗଡ଼ ପୁରୁଣା ସହରରେ ପୂଜା ପାଉଥିବା ଜଗନ୍ନାଥଙ୍କ ମନ୍ଦିରରେ ନୀତି ନିର୍ଘଣ୍ଟ ଅନୁସାରେ ଶନିବାର ଭୋର ୩ଟାରେ ମଙ୍ଗଳାର୍ପଣ କରାଯାଇଥିଲା । ଏହା ପରେ ତିନି ଠାକୁରଙ୍କୁ ସେନାପଟାରେ ବନ୍ଧାଯାଇ ଜଗନ୍ନାଥ ମହାପ୍ରଭୁଙ୍କ ଚକାଛାଡ (ସିଂହାସନରୁ ଓହ୍ଲାଇ ଅନ୍ୟତ୍ର ରହିବା) ହେବା ପରେ ଶ୍ରୀଜୀଉମାନଙ୍କୁ ଛେକ ଲାଗି କରାଯାଇଥିଲା । ମଙ୍ଗଳାର୍ପଣ ପରେ ସ୍ନାନମଣ୍ଡପକୁ ସ୍ଥାନୀୟ ବ୍ରାହ୍ମଣମାନେ ପହଣ୍ଡି କରିବିଜେ ହୋଇଥିଲେ।ଏଠାରେ ଠାକୁରଙ୍କ ଦୈନନ୍ଦିନ ନିତ୍ୟକର୍ମ ସମ୍ପନ୍ନ ହୋଇଥିଲା ।



## ଜ୍ୱର ପରେ ଉପଚାର ପାଇଁ ଅଣସର ଘରେ ୩ ଠାକୁର

ତଡପଲାଗି (ସୂତା ବସ୍ତ୍ର ପିନ୍ଧିବା) ପରେ ଯାତ୍ରାକଷ୍ଟ ଲାଘବ କରିବାକୁଯାଇ ପ୍ରଭୁଙ୍କ ମୁହଁରେ ହୋଇଥିବା ଝାଳକୁ ସେବକମାନେ ପୋଛି ଦେଇଥିଲେ । ଏହାକୁ ଅଧରପୋଛା କୁହାଯାଏ । ଏହାପରେ ଠାକୁରଙ୍କ ଅବକାଶ ନୀତି କରାଯାଇଥିଲା । ପରେ ସ୍ନାନଯାତ୍ରା ଅବସରରେ ଦାରୁଦେବତାମାନଙ୍କୁ ଜଗନ୍ନାଥ ମନ୍ଦିର ପରିସରରେ ଥିବା କୂପରୁ ଆସି ଅଧିବାସରେ ରହିଥିବା ୧୦୮ କୁମ୍ଭ ପବିତ୍ର ଜଳରେ ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ଜଳସ୍ନାନ କରାଯାଇଥିଲା । ଏହାପରେ ଶ୍ରୀବିଗ୍ରହମାନେ ଗଜାନନ ବେଶରେ ଭକ୍ତମାନଙ୍କୁ ସ୍ନାନ ବେଦୀରୁ ଦର୍ଶନ ଦେଇଥିଲେ । ଏହି ବେଶ ଦେଖିବା ପାଇଁ ପ୍ରବଳ ଭିଡ ହୋଇଥିଲା ।

ବିଗ୍ରହ ମାନଙ୍କର ଦ୍ୱିପ୍ରହରରେ ଶଙ୍ଖୁଡି ଭୋଗ ହୋଇଥିଲା । ରାତି ୧୧ଟାରେ ବିଗ୍ରହମାନେ ଅଣସର ଘରକୁ ବିଜେ କରିଛନ୍ତି । ଦେବୋତ୍ତର ମ୍ୟାନେଜର ତାପସ ପଟ୍ଟନାୟକ, ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ ପ୍ରମୁଖ ସହଯୋଗ କରିଥିଲେ । ଅନ୍ୟପକ୍ଷେ ଶ୍ରୀଜୀଉଙ୍କର ସ୍ନାନ ଉତ୍ସବ ତଥା ନବକଳେବର ରଥଚକ ସ୍ମୃତି ଅବସରରେ ସଙ୍ଗୀତ ଧାରା ଓ ନବକଳେବର ରଥ ଚକ ସ୍ଥାପନ କମିଟି ପକ୍ଷରୁ ନୟାଗଡ଼ ଜଗନ୍ନାଥ ମନ୍ଦିର ପରିସରରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ଦେବୋତ୍ତର ମ୍ୟାନେଜର ତାପସ ପଟ୍ଟନାୟକ ଉଦ୍‌ଘାଟନ କରିଥିବାବେଳେ ସମାଜସେବୀ ପ୍ରମୋଦ ପଟ୍ଟନାୟକ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ସୁରଗନ୍ଧର୍ବ ନବ କିଶୋର ମିଶ୍ର, ପ୍ରଭାତ କୁମାର ଦାଶ, ରଜନୀକାନ୍ତ ମହାପାତ୍ର, ଆଶୁତୋଷ ମିଶ୍ର, ପ୍ରଶାନ୍ତ କୁମାର ଦାଶ, ଜୟଶ୍ରୀ ଦେବୀ, ବିଜୟାନନ୍ଦ ମହାପାତ୍ର, କାଳିଦାଶ ମହାପାତ୍ର, ପ୍ରଦୀପ୍ତ କୁମାର ରଥ, ମାଧବ ଡାକୁଆ, ସରୋଜ ମିଶ୍ର ପ୍ରମୂଖ ଭଜନ ପରିବେଷଣ କରିଥିଲେ। ସେହିପରି ଗୋଡିପଡାର ଶ୍ରୀଜୀଉ ମାନଙ୍କର ମଙ୍ଗଳାର୍ପଣ ଓ ଅବକାଶ ନୀତି ପରେ ସ୍ନାନମଣ୍ଡପକୁ ବିଜେ ହୋଇଥିଲେ। ସକାଳ ୮ଟା ସମୟରେ ଠାକୁରଙ୍କୁ ଭିନ୍ନ ଭିନ୍ନ ସମୟରେ ୧୦୮ କୁମ୍ଭ ଦ୍ୱାରା ସମସ୍ତ ନିଯୋଗୀମାନଙ୍କ ଉପସ୍ଥିତିରେ ସ୍ନାନ କରାଯାଇଥିଲା । ନୟାଗଡ଼ଠାରେ ମନ୍ଦିର ପରିଛା ପ୍ରଭାକର ମିଶ୍ର, ଗୋଡିପଡାରେ ଗଣେଶ୍ୱର ମିଶ୍ର ସ୍ନାନଯାତ୍ରା ପର୍ବର ମନ୍ଦିର ପରିଛା ଭାବେ ପୂଜା କାର୍ଯ୍ୟ ସମାପନ କରିଥଲେ । ସେହିପରି ଇଟାମାଟି, ପଞ୍ଚରିଡା, ଶିଖରପୁର, ବଡଗୋରଡା, କୋତରଙ୍ଗ, ହରିହରପୁର, ଭାଲିଆଡିହି, କଜଳାଇପଲ୍ଲୀର ଜଗନ୍ନାଥ ମନ୍ଦିରରେ ମଧ ଦେବସ୍ନାନପୂର୍ଣ୍ଣମା ଅନୁଷ୍ଠିତ ହୋଇ ଯାଇଛି।

## ସଂକ୍ଷେପରେ

### ଗଜପତି ଜିଲା କଂଗ୍ରେସର ଆଇନ ପରାମର୍ଶଦାତାଙ୍କ ପରଲୋକ

ପାରଳାଖେମୁଣ୍ଡି, ୨୨।୬ (ଗିରିଧାରୀ ପରିଛା): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ୱାର୍ଡ ନମ୍ବର ୧୧, ଗୋପିନୀ ସାହି ନିବାସୀ ବରିଷ୍ଠ ଆଇନଜୀବୀ ତଥା ଗଜପତି ଜିଲା କଂଗ୍ରେସର ଆଇନ ପରାମର୍ଶଦାତା ଲକ୍ଷ୍ମୀକାନ୍ତ ଅଧିକାରୀଙ୍କ ଶନିବାର ଅପରାହ୍ନରେ ନିଜ ବାସଭବନରେ ବିୟୋଗ ଘଟିଛି। ତାଙ୍କ ଶେଷ ସମୟରେ ଦୁଇ ପୁଅ, ଦୁଇ ଝିଅ ଓ ସପରିବାର ବର୍ଗ ଉପସ୍ଥିତ ଥିଲେ। ସ୍ୱର୍ଗତ ଅଧିକାରୀ ପୂର୍ବତନ ବିଧାୟକ ତ୍ରିନାଥ ସାହୁଙ୍କ ଅତି ଆତ୍ମୀୟ ଥିଲେ। ସେ କଂଗ୍ରେସ ଦଳର ନେତାମାନଙ୍କ ପାଇଁ ସଦାସର୍ବଦା କାମ କରି ଆସୁଥିଲେ। ଏହି ଅବସରରେ କଂଗ୍ରେସ ଦଳ ପକ୍ଷରୁ ବିଧାୟକ ପାର୍ଥ ବିଜୟ କୁମାର ପଟ୍ଟନାୟକ, ମୋହନା ବିଧାୟକ ଦାସରଥି ଗମାଙ୍ଗ, ଜୟମହନ ରାଓ, ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ରଥଯାତ୍ରା ଓ ବାହୁଡା ପାଇଁ ପ୍ରସ୍ତୁତି ବୈଠକ

ଫୁଲବାଣୀ, ୨୨।୬(ରାକେଶ କୁମାର ରାଉତ):

ଚଳିତ ରଥଯାତ୍ରା ଓ ବାହୁଡ଼ା ଯାତ୍ରାକୁ ସୁଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ଜିଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ ରଥ ଯାତ୍ରା ଓ ବାହୁଡ଼ା ଯାତ୍ରା ପାଇଁ ଜିଲା ପ୍ରଶାସନର ସମସ୍ତ ପ୍ରକାର ସହଯୋଗ ରହିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ବିଶେଷକରି ରାସ୍ତା ଓ କୋଠାବାଡ଼ି, ପୋଲିସ୍, ପୌର ପରିଷଦ, ଟାଟା ପାୱାର୍, ଜନସ୍ୱାସ୍ଥ୍ୟ, ଅବକାରୀ, ଉଦ୍ୟାନ କୃଷି, ସଂସ୍କୃତି, ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ମିଳୁଥିବା ସହଯୋଗ ଉପରେ ଜିଲାପାଳ ଆଲୋଚନା କରିଥିଲେ। ମୁଖ୍ୟରାସ୍ତାକୁ ମରାମତି କରିବା ସହିତ ରଥଯାତ୍ରାର ପୂର୍ବ ଦିନରୁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ପାର୍କିଂ ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାସ୍ତାକଡ଼ରେ ଥିବା ଆମିଷ ଦୋକାନକୁ ବନ୍ଦ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକର ଆବାହକ ତଥା ଉପ ଜିଲାପାଳ ଚିତ୍ତରଞ୍ଜନ ମହନ୍ତ ଗତ ବର୍ଷ ବୈଠକର ବିବରଣୀ ପାଠ କରିଥିଲେ। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ହରିଶ୍ଚନ୍ଦ୍ର ମହାରଣା ଯୋଗଦେଇ ଆସନ୍ତା ୭ ତାରିଖରେ ହେବାକୁ ଥିବା ରଥଯାତ୍ରା ତଥା ଶ୍ରୀଜୀଉଙ୍କ ପୂଜାବିଧି ଏବଂ ସମୟ ନିର୍ଘଣ୍ଟ ଉପରେ ସୂଚନା ଦେଇଥିଲେ। ସେହିପରି ୧୫ରେ ବାହୁଡ଼ା ଯାତ୍ରା ପାଇଁ ସମୟ ବିବରଣୀ ଉପସ୍ଥାପନ କରିଥିଲେ । ୧୭ରେ ସୁନାବେଶ, ୧୮ରେ ଅଧରପଣା ଏବଂ ୧୯ରେ ଶ୍ରୀ ଜିଉଙ୍କର ନିଳାଦ୍ରୀ ବିଜେ ଉତ୍ସବ ହେବ।

### ବାଇକ୍ ସହ ୧୧ କେଜି ଗଞ୍ଜେଇ ଜବତ ; ୨ ଗିରଫ

ଦାରିଙ୍ଗବାଡ଼ି,୨୨।୬(ଅରୁଣ ସାହୁ)

ଦାରିଙ୍ଗବାଡ଼ି ଦେଇ ଗଞ୍ଜାମ ଜିଲାକୁ ଚୋରାଚାଲାଣ ବେଳେ ପୋଲିସ ୧୧ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିଗୁଡ଼ା ଥାନା ତଥା ଦାରିଙ୍ଗବାଡ଼ି ବ୍ଲକ ତିଲୋରୀ ଅଞ୍ଚଳର ଅନୁପ ପ୍ରଧାନ ଏବଂ ଶ୍ରୀରାମ ପ୍ରଧାନ। ତିଲୋରୀ ଅଞ୍ଚଳରୁ ଏକ ବାଇକ୍ (ନଂ. ଓଡି୨୭ବି ୫୧୪୯)ଯୋଗେ ଦୁଇ ଅଭିଯୁକ୍ତ ନିଜ ଅଞ୍ଚଳରୁ ଗଞ୍ଜେଇ ବସ୍ତା ନେଇ ଗଞ୍ଜାମ ଜିଲା ଅଭିମୁଖେ ଯାଉଥିଲା ବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ଏ ନେଇ ବାଲିଗୁଡ଼ା ପୋଲିସ ନଂ. ୧୦୨/୨୪ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଘର ଭିତରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଖଲ୍ଲିକୋଟ,୨୨।୬(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ସିଙ୍ଗଡ଼ାପଲ୍ଲୀ ଗ୍ରାମରେ ଏକ ଘର ଭିତରୁ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣଙ୍କ ତାଳପଡା ଗ୍ରାମର ଦୀପକ ପାହାନ। ମିଳିଥିବା ସୂଚନାନୁଯାୟୀ, ଶୁକ୍ରବାର ରାତି ୧୧ଟାରେ ଖଲ୍ଲିକୋଟ ଥାନା ପୋଲିସ ଖବର ପାଇ ସିଙ୍ଗଡ଼ାପଲ୍ଲୀ ଗ୍ରାମରେ ପହଞ୍ଚି ଘର ଭିତରୁ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଶନିବାର ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ମୃତ୍ୟୁ ଖବର ଶୁଣି ପରିବାର ଓ ସମ୍ପର୍କୀୟ ମେଡିକାଲରେ ପହଞ୍ଚିଥିଲେ। ମୃତ ଯୁବକ ଜଣଙ୍କ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ ହତ୍ୟା କରାଯାଇଛି ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ଜଣା ପଡ଼ିନଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଛତ୍ରପୁରରେ ବାଇକ୍ ଚୋରି

ଛତ୍ରପୁର,୨୨।୬ (ସନ୍ତୋଷ ପାଢ଼ୀ): ଛତ୍ରପୁର ସହରରୁ ଏକ ବାଇକ ଚୋରି ହୋଇଛି। ଏ ନେଇ ପୁରୁଣାପାଟଣା ଗ୍ରାମର କାଳିଆ ଗୌଡ଼ ଛତ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ କାଳିଆ ଗାଁରୁ ଛତ୍ରପୁର ଆସି ମେଦିରି ସାହିରେ ଥିବା ଏକ ଦୋକାନ ଆଗରେ ନିଜ ବାଇକ (ଓଡି ୦୭ଟି ୫୩୫୩) ରଖିଥିଲେ।

# ସ୍ନାନ ମଣ୍ଡପରେ ହାତୀବେଶରେ ଦର୍ଶନଦେଲେ ୩ ଠାକୁର

ରଣପୁର,୨୨।୬
(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁରର ଜଗନ୍ନାଥ ମନ୍ଦିରରେ ଶନିବାର ଶ୍ରୀଜୀଉଙ୍କ ଦେବସ୍ନାନ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶ୍ରୀଜଉ ଭକ୍ତମାନଙ୍କୁ ହାତୀ ବେଶରେ ଦର୍ଶନ ଦେଇଛନ୍ତି ୩ ଠାକୁର ମନ୍ଦିର ରତ୍ନବେଦୀ ଛାଡି ମଧରାତ୍ରରେ ପୂଜା ପଣ୍ଡା ପଢିଆରୀମାନେ ଠାକୁରଙ୍କୁ ପହଣ୍ଡି କରି ସ୍ନାନ ମଣ୍ଡପକୁ ନେଇଥିଲେ । ମନ୍ଦିରରେ ଥିବା କୂଅରୁ ୧୦୮ ଗରାରେ ଜଳ ଅଣାଯାଇ ଅଗୁର, ଚନ୍ଦନ, କପୂର ଦେଇ ଶୁଦ୍ଧ କରାଯିବ ପରେ ଠାକୁରମାନଙ୍କୁ ସ୍ନାନ କରାଯାଇଥିଲା । ଏହା ପରେ ଠାକୁରଙ୍କ ଶରୀରରେ ଚନ୍ଦନ ଲଗାଯାଇ ବଲ୍ଲଭ କରାଯାଇଥିଲା । ଅବକାଶ ପରେ ଠାକୁର ମାନଙ୍କୁ ହାତୀ ବେଶରେ ସଜିତ କରାଯାଇଥିଲା । ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ସୁନାମ ଧନ୍ୟ କଣ୍ଠ ଶିଳ୍ପୀ ଓ କଳାକାରଙ୍କୁ ନେଇ ଭଜନ ପରିବେଷଣ କରାଯାଇଥିଲା ।



# ନୂଆ ଆପରାଧିକ ଆଇନ ଉପରେ ତାଲିମ



ପୋଲିସ କର୍ମଚାରୀଙ୍କ ସହ ଏସ୍‌ପି ଆଲୋଚନା କରୁଛନ୍ତି।

ନୟାଗଡ଼,୨୨।୬ (ଲୋକନାଥ ମିଶ୍ର)

## ଜୁଲାଇ ୧ରୁ କାର୍ଯ୍ୟକାରୀ ହେବ ନୂଆ ଆଇନ

ନୟାଗଡ଼ ଜିଲା ପୋଲିସର ମୁଖ୍ୟ କାର୍ଯ୍ୟାଳୟରେ ନୂଆ ଅପରାଧିକ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ଉପରେ ତାଲିମ ଅଧିବେଶନ ଶନିବାର ଅନୁଷ୍ଠିତ ହୋଇଛି। ଜୁଲାଇ ୧ରେ ଏହି ନୂଆ ଅପରାଧିକ ଆଇନ କାର୍ଯ୍ୟକାରୀ ହେବାକୁ ଯାଉଛି। ଏଣୁ ଅପରାଧିକ ଆଇନ ଉପରେ ଏସ୍‌ପି ରାହୁଲ ଜୈନ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ଛତ୍ରପୁର, ୨୨।୬ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ):

ଗଞ୍ଜାମ ଜିଲା ଚମାଖଣ୍ଡି ଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଭୁବନେଶ୍ୱରରୁ ବ୍ରହ୍ମପୁରକୁ ଏକ କାରରେ ଯାଉଥିବା ବେଳେ ଚମାଖଣ୍ଡି ଛକ ନିକଟରେ କାରଟି ଭାରସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଥିଲା। ଘଟଣା ସ୍ଥଳରେ ବ୍ରହ୍ମପୁର ନେହୁର ନଗର ଅଞ୍ଚଳର ଦେବାଶିଷ ଚୌଧୁରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଦୁଇ ଜଣ ଆହତ ହୋଇଥିଲେ। ଚମାଖଣ୍ଡି ଥାନା ଅଧିକାରୀ ଦୀପିକା ଦେବିରାୟଙ୍କ ନେତୃତ୍ୱରେ ଏସଆଇ ମାନସୀ ସାହୁ ଘାଟଣା ସ୍ଥଳରେ ପହଁଚି ଆହତମାନଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ମେଡିକାଲକୁ ପଠାଇଥିଲେ।

# ଟ୍ରକ୍ ତଳେ ଶୋଇଥିବା ବେଳେ ଡ୍ରାଇଭରଙ୍କ ମୃତ୍ୟୁ

ବାଲିଗୁଡା,୨୨।୬(ସଞ୍ଜୟ କୁମାର ପାଣିଗ୍ରାହୀ):

ବାଲିଗୁଡ଼ା ଥାନା ଅଧୀନସ୍ଥ ବୁଢ଼ାନଇ ନିକଟରେ ଟ୍ରକର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପାଞ୍ଚ ଦିନ ହେବ ରାସ୍ତା କଡ଼ରେ ଗାଡ଼ି ରଖି ଜଗିଥିଲେ ଡ୍ରାଇଭର। ଗାଡ଼ି ତଳେ ଶୋଇଥିବା ଡ୍ରାଇଭର ଦୀର୍ଘ ସମୟ ଧରି ନ ଉଠିବାରୁ ସ୍ଥାନୀୟ ଲୋକଙ୍କ ମଧରେ ସନ୍ଦେହ ସୃଷ୍ଟି ହୋଇଥିଲା। ପରେ ଏନେଇ ବାଲିଗୁଡ଼ା ଥାନା ପୋଲିସକୁ ଜଣାଇଥିଲେ। ପୋଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହ ଜବତ କରି ବ୍ୟବଛେଦ ନିମନ୍ତେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି। ମୃତ ଟ୍ରକ୍ ଡ୍ରାଇଭର ହେଲେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅଞ୍ଚଳର ଚିତ୍ତରଞ୍ଜନ ବସ୍ତିଆ ।

# ହଟାଯାଉନାହିଁ ୫-ଟି, ମୋ ସରକାର ବୋର୍ଡ



ଜଣେ ଅଧିକାରୀଙ୍କ ସହ ଭାଜପା କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

ଓଡ଼ଗାଁ,୨୧।୬(ଆଦର୍ଶ କୁମାର ପଟ୍ଟନାୟକ)

## ଜିଲା ଭାଜପା ତରଫରୁ କାର୍ଯ୍ୟାନୁଷ୍ଠାନ ଦାବି

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ଓଡ଼ଗାଁ ବ୍ଲକ ସାରା ଲାଗିଥିବା ୫-ଟି ଓ ମୋ ସରକାର ବୋର୍ଡ଼କୁ ଢାଙ୍କି ଦିଆଯାଇଥିଲା। ଇତିମଧ୍ୟରେ ଆଚରଣବିଧି ଉଠିଛି ଓ ନୂତନ ସରକାର କାର୍ଯ୍ୟାରମ୍ଭ କରିଛନ୍ତି। ଏହାପରେ ବି ବିଭିନ୍ନ ଅନୁଷ୍ଠାନରେ ଲାଗିଥିବା ଏହିଭଳି ବୋର୍ଡକୁ ହଟାଯାଇନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏପରିସ୍ଥିତିରେ ଜିଲା ତଥା ଭାଜପା କର୍ମକର୍ତ୍ତାଙ୍କ ସହିତ ଏକ ପ୍ରତିନିଧି ଦଳ କୃପାସିନ୍ଧୁ ଗୌଡ଼ଙ୍କ ନେତୃତ୍ୱରେ ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ, ବିଇଓ ଗୀତାଞ୍ଜଳି ସାହୁ, ଏନଏସି ନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତିରେ କନିଷ୍ଠ ଯନ୍ତ୍ରୀ ସତ୍ୟ ସୁନ୍ଦର ଏବଂ ରେଞ୍ଜର ନିଖିଳେଶ ମଲିକଙ୍କୁ ଭେଟିବା ସହିତ ନାନା ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ପଚାରିବୁଝିଥିଲେ। ବେଆଇନ ଘୋଷଣା କରାଯାଇଥିବା ବୋର୍ଡ଼ ହଟାଇବାକୁ ନେଇ ପ୍ରଶ୍ନ କରିଥିଲେ । ଏ ସଂକ୍ରାନ୍ତରେ ଅଧିକାରୀମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନାହାନ୍ତି। ଉନ୍ନୟନ ମୂଳକ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବାକୁ ପ୍ରତିନିଧି ଦଳ ପରାମର୍ଶ ଦେଇଛନ୍ତି। ହେଲେ ଏଭଳି ବୋର୍ଡ ହଟାଇବାକୁ ସରକାରୀସ୍ତରରେ କେବଳ ମେସଜ ଆସିଥିବା ଜିଲା ସୂଚନା ଓ ପ୍ରସାରଣ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ କହିଛନ୍ତି ।

# ଭାଜପାର ବିଜୟ ଶୋଭାଯାତ୍ରା, ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ବୁଗୁଡ଼ା,୨୨।୬(କାଳି ଚରଣ ଦାଶ):

ବୁଗୁଡ଼ା ସହରରେ ଭାଜପା ପକ୍ଷରୁ ଶନିବାର ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲସରା ନିର୍ବାଚନମଣ୍ଡଳୀର ନବ ନିର୍ବାଚିତ ବିଧାୟକ ତଥା ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦବିକାଶ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଆସିକା ଏମ୍‌ପି ଅନୀତା ଶୁଭଦର୍ଶିନୀ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଘୁମୁସର ସାଙ୍ଗଠନିକ ଜିଲା ଉପସଭାପତି ପ୍ରଭାକର ପଣ୍ଡା ଓ ଦୀପକ ପ୍ରଧାନ, କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ସୁସ୍ଥ ଶରୀର ପାଇଁ ଯୋଗ ଏକମାତ୍ର ମାଧ୍ୟମ

ଚିକିଟି,୨୨।୬(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ନୂଆପଡ଼ା ଗ୍ରାମରେ ଅବସ୍ଥିତ ଶ୍ରୀ ବାଲାଜୀ ମହାବିଦ୍ୟାଳୟରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଦର୍ଶନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରର ଏୟାର ଫୋର୍ସରେ କାର୍ଯ୍ୟରତ ଇଞ୍ଜିନିୟର ଶିବ ପ୍ରସାଦ ବେହେରା ବାହାକ ଯୋଗ ଦେଇ ଉପସ୍ଥିତ ଥିବା ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ର ସମସ୍ତ ଛାତ୍ରୀଛାତ୍ରଙ୍କୁ ଯୋଗଶିକ୍ଷା ପ୍ରଦାନ କରିବା ସଙ୍ଗେସଙ୍ଗେ ନିୟମିତ ଯୋଗାଭ୍ୟାସ ହିଁ ସୁସ୍ଥ ଶରୀର ଗଠନର ଏକମାତ୍ର ମାଧ୍ୟମ ବୋଲି ପ୍ରକାଶ କରିଛନ୍ତି। ଜାତୀୟ ସେବା ଯୋଜନାର ଅଧିକାରୀ ସରୋଜ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୨ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ

ଚିକିଟି,୨୨।୬ (ପ୍ରକାଶ ଚନ୍ଦ୍ର ସାହୁ):

## ଡାକ୍ତରଖାନାରେ ଅନୁପସ୍ଥିତ ମହଙ୍ଗା ପଡ଼ିଲା

ଗଞ୍ଜାମ ଜିଲା ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁପସ୍ଥିତ ୨ ଡାକ୍ତରଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ବିଧାୟକଙ୍କ ଅଭିଯୋଗ ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ୨ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ୩ଦିନ ଭିତରେ ନୋଟିସର ଉତ୍ତର ଦେବାକୁ କୁହାଯାଇଛି। ଦୀର୍ଘଦିନ ହେଲା ଏଠାକାର ଡାକ୍ତରମାନେ ପାଳି କରି ଆସୁଥିବା ନେଇ ଚିକିଟି ନିର୍ବାଚନ ମଣ୍ଡଳୀର ନୂଆ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ନିକଟରେ ଅଭିଯୋଗ ହୋଇଆସୁଥିଲା। ଫଳରେ ବିଧାୟକ ସାମନ୍ତରା ଶୁକ୍ରବାର ମଧ୍ୟାହ୍ନରେ ଡାକ୍ତରଖାନାକୁ ଅଚାନକ ପରିଦର୍ଶନ କରିଥିଲେ। ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡକ୍ଟର ମନୋଜ କୁମାର ପାଢ଼ୀଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ଜଣ ଡାକ୍ତରଙ୍କ ଜାଗାରେ କେବଳ ୪ଜଣ ଅଛନ୍ତି। ଫଳରେ ଚିକିତ୍ସା ସେବା ଯୋଗାଇବା ବେଳେ ସମସ୍ୟା ଉପୁଜୁଥିବା ଜାଣିବାକୁ ପାଇଥିଲେ। ପରେ ଡାକ୍ତରଙ୍କ ନିୟମିତ ଉପସ୍ଥାନ ରେଜିଷ୍ଟରକୁ ତନଖି କରିଥିଲେ। ତନଖି ବେଳେ ଡା. ସତ୍ୟଜିତ ସେଠୀ, ଡା. ସୁନୀଲ ଚନ୍ଦ୍ର ସାହୁ ଗତ ୧୩ ତାରିଖରୁ ନିୟମିତ ଆସୁନଥିବା ଜାଣିବାକୁ ପାଇଥିଲେ। ଏନେଇ ଚିକିଟି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ଃ ମନୋଜ ପାଢ଼ୀ ଡାକ୍ତର ନିୟମିତ ଆସୁଛନ୍ତି କିନ୍ତୁ ଉପସ୍ଥାନ ଖାତାରେ ବ୍ୟସ୍ତତା କାରଣରୁ ଦସ୍ତଖତ କରି ନଥିବା କହିଥିଲେ। ବିଧାୟକ ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସିଡିଏମଓ ଡା. ଉମାଶଙ୍କର ମିଶ୍ର ବିନା ସୂଚନାରେ ଅନୁପସ୍ଥିତ ୨ ଡାକ୍ତରଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।



ଡାକ୍ତରଖାନାରେ ବିଧାୟକ ଆଲୋଚନା କରୁଛନ୍ତି।

# ଗଞ୍ଜାମ ଜିଲା ଓଷ୍ଟାର କାର୍ଯ୍ୟକାରିଣୀ ବୈଠକ

ଭଞ୍ଜନଗର,୨୨।୬ (ବାବୁଲା ପ୍ରଧାନ):

ଓଡିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଗଞ୍ଜାମ ଜିଲା କାର୍ଯ୍ୟକାରିଣୀ ବୈଠକ ଶନିବାର ଗ୍ରାମ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ଡିହପଡାଳଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ସନ୍ତୋଷ ଜେନା ଅଧ୍ୟକ୍ଷତା କରିଥିଲେ। ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ, ରାଜ୍ୟ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ଓଷ୍ଟା ଜିଲ୍ଲା ସଂଗଠନ ସମ୍ପାଦକ ବିଜୟ କୁମାର ବେହେରା, ଉପସଭାପତି ଅଶୋକ କୁମାର ହୋତା, ଉପଦେଷ୍ଟା ହିମାଂଶୁ କୁମାର ପଟ୍ଟନାୟକ, ଭିକାରୀ ଚରଣ ଗୌଡ଼, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ଼ଃ. ବିଜୟ ଚନ୍ଦ୍ର ମହାରଣା, ରାମଚନ୍ଦ୍ର ପୋଲେଇ, ଭଞ୍ଜନଗର ବ୍ଲକ ସଭାପତି ଦିଲ୍ଲୀପ କୁମାର ସ୍ୱାଇଁ, ସମ୍ପାଦକ ଗୌରୀନନ୍ଦନ ହୋତ୍ତା ଅତିଥି ଭାବେ ଯୋଗଦେଇ ସଭାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ କହିଥିଲେ । ନବନିର୍ବାଚିତ ବିଧାନସଭା ସଦସ୍ୟ ପ୍ରଦ୍ୟୁମ୍ନ କୁମାର ନାୟକ ଓ ନୀଳମଣି ବିଷୋୟୀଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସମସ୍ୟାଗୁଡ଼ିକର ସମାଧାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ୧୭ ତାରିଖରେ ରାଜ୍ୟ ସଂଗଠନର ନିର୍ଦ୍ଦେଶ ପ୍ରକାରେ ଶିକ୍ଷୟିତ୍ରୀ ଭଉଣୀମାନଙ୍କୁ ନେଇ ଜିଲା କାର୍ଯ୍ୟାଳୟ, ପ୍ରେମନଗର, ବ୍ରହ୍ମପୁର ଠାରେ ଏକ ମହିଳା ସମାବେଶ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା। ଆଜିର ବୈଠକରେ ୨୨ଟି ବ୍ଲକ ଓ ବ୍ରହ୍ମପୁରରୁ ଶତାଧିକ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବିଜୟ ଚନ୍ଦ୍ର ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ।



# ୧୫ ଦିନ ଭକ୍ତଙ୍କୁ ଦର୍ଶନ ଦେବେ ପଟ୍ଟିଦିଅଁ

ରଣପୁର,୨୨।୬
(ସୁକାନ୍ତ କିଶୋର ଡାକୁଆ)


ପଟ୍ଟିଦିଅଁ ତିଆରିରେ ନିମଗ୍ନ ଶିଳ୍ପୀ।

ଶନିବାର ଦେବସ୍ନାନ ନୀତି ପରେ ଶ୍ରୀଜୀଉ ଅସୁସ୍ଥ ହୋଇ ୧୫ଦିନ ଅଣସର ଘରେ ରହିବେ । ବିକଳ୍ପ ଭାବେ ମନ୍ଦିରରେ ପଟ୍ଟିଦିଅଁ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ। ପୁରୀ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଯେଉଁ ଭଳି ନୀତିକାନ୍ତିରେ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରାଯାଇଥାଏ ନୟାଗଡ଼ ଜିଲା ରଣପୁର ଜଗନ୍ନାଥ ମନ୍ଦିରରେ ସେହିଭଳି ପରମ୍ପରା ରହିଛି । ସେଥିପାଇଁ ରଣପୁର ଜଗନ୍ନାଥ ମନ୍ଦିରକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ବର୍ଣ୍ଣନା କରାଯାଏ।

ଶନିବାର ରଣପୁର ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ନୀତି ପାଳିତ ହୋଇଛି। ସ୍ନାନ ନୀତି ପରେ ଶ୍ରୀଜୀଉ ହାତୀ ବେଶ ହୋଇଥିଲେ। ସ୍ନାନ ମଣ୍ଡପରୁ ଫେରିବା ବାଟରେ ଶ୍ରୀଜୀଉମାନେ ଅସୁସ୍ଥ ହୋଇ ୧୫ ଦିନ ଅଣସର ଘରେ ବିଜେ କରିଥିଲେ। ପ୍ରଭୁଙ୍କ ଚିକିତ୍ସା ଗୋପନ ନୀତିରେ ହେବ। ସେଥିପାଇଁ ମନ୍ଦିରରେ ପଟ୍ଟିବନ୍ଧା ହେବ। କାରଣ ଶ୍ରୀବିଗ୍ରହମାନଙ୍କ ଦର୍ଶନ ମିଳିବ ନାହିଁ। ସେଥିପାଇଁ

## ଅଣସର ଘରେ ୩ ଠାକୁର

ଶ୍ରଦ୍ଧାଳୁମାନେ ପଟ୍ଟିଦିଅଁ ଦର୍ଶନ ଦେବେ।

ରଣପୁର ଦାଣ୍ଡସାହିରେ ପଟ୍ଟିଦିଅଁଙ୍କ ପ୍ରସ୍ତୁତି ଚାଲିଥିଲା । ଦାଣ୍ଡସାହିର ରାଧାମୋହନ ମହାପାତ୍ରଙ୍କ ପୁଅ ଦୁର୍ଗା ପ୍ରସାଦ ମହାପାତ୍ର ୧୦ ବର୍ଷ ବୟସରୁ ବାପାଙ୍କଠାରୁ ଏହି କଳା ଶିକ୍ଷା କରି ପ୍ରତିବର୍ଷ ପଟ୍ଟିଦିଅଁ ପ୍ରସ୍ତୁତି କରି ଆସୁଛନ୍ତି। ଦୁର୍ଗାପ୍ରସାଦ ଓ ତାଙ୍କ ୨ ପୁଅ ସାରଥି ମହାପାତ୍ର ଓ ସତ୍ୟନାରାୟଣ ମହାପାତ୍ର ପଟ୍ଟିଦିଅଁ ପ୍ରସ୍ତୁତିରେ ଲାଗି ରହିଛନ୍ତି। ସ୍ନାନ ପୂର୍ଣ୍ଣିମା ରାତିର ଶେଷ ପ୍ରହରରେ ଶ୍ରୀମନ୍ଦିରରେ ଅଣସର ପଟ୍ଟିଡୋର ଶେଷ ହେବା କ୍ଷଣି ଏହି ପଟ୍ଟିଦିଅଁମାନେ ମନ୍ଦିରକୁ ବିଜେ କରିବେ। ଅଣସର ପଟ୍ଟି ସମ୍ମୁଖରେ ପଟ୍ଟିଦିଅଁଙ୍କୁ ଅଧିଷ୍ଠିତ କରାଯିବ। ଶ୍ରୀଜଗନ୍ନାଥଙ୍କ ପଟ୍ଟିଦିଅଁ ଦାଣ୍ଡସାହିରୁ ବିଜେ କରିବେ। ଶିଳ୍ପୀ ଏବଂ ତାଙ୍କ ୨ ପୁଅ ନିର୍ଦ୍ଦିଷ୍ଟ ଭାଗ ମାପ ଏବଂ ୫ ପ୍ରକାର ଦେଶୀ ରଙ୍ଗରେ ପଟ୍ଟିଦିଅଁ ପ୍ରସ୍ତୁତ କରିଛନ୍ତି। ଓସାର ଅଢେଇଫୁଟ, ଉଚ୍ଚତା ୩ ଫୁଟ ବିଶିଷ୍ଟ ଏହି ପଟ୍ଟିଦିଅଁ ଗଢିବାରେ ନୂଆ କପଡା, କଇଁଆମଞ୍ଜି ଅଠା, କଇଁଆ ଅଠା, ହେଙ୍ଗୁଳ, ହରତାଳ ଆଦି ସାମଗ୍ରୀ ଲାଗି ହେଉଛି। ପଟ୍ଟିଦିଅଁଙ୍କ ପାଇଁ ଘରକୁ ରଙ୍ଗ ଆସିବା ପରେ ଚିତ୍ରକାରଙ୍କ ପରିବାର ସଦସ୍ୟ ଏବଂ ଚିତ୍ର ଶିଳ୍ପୀମାନେ ହବିଷ ପାଳନ୍ତି। ନିଷ୍ଠାର ସହ ବ୍ରତ ପାଳନ ପୂର୍ବକ ନୂଆ ଲୁଗା ପରିଧାନ କରି ଦିଅଁ ପ୍ରସ୍ତୁତ କରିଥାନ୍ତି। ଏ ସମ୍ପର୍କରେ ଶିଳ୍ପୀ ରାଧାମୋହନ କୁହନ୍ତି, ସ୍ନାନବେଦୀରୁ ମହାପ୍ରଭୁଙ୍କୁ ଆଣି ଅଣସରରେ ବିଜେ କରିବା ପରେ ଅଣସର ତାଟି ଡେରା ଯାଇଥାଏ। ଏହାପରେ ଅନ୍ଧାର ଥାଉ ଥାଉ ଛତି କାହାଳୀ ବାଜା ଘଣ୍ଟାଘଣ୍ଟ ସହିତ ମଶାଲ ସହ ମନ୍ଦିରର ୩ ପୂଜାପଣ୍ଡା ମନ୍ଦିରରୁ ଆମ ଘରକୁ ଆସି ପୂଜାର୍ଚ୍ଚନା କରନ୍ତି। ଏକ ଶୋଭାଯାତ୍ରାରେ ପଟ୍ଟିଦିଅଁଙ୍କୁ ୩ ପୂଜାପଣ୍ଡା ମନ୍ଦିରକୁ ନେଇ ବିଜେ କରାଇଥାଆନ୍ତି। ଆମେ ଦିଅଁଙ୍କୁ ନେଇ ସେଠାରେ ବସାଇ ଆସୁ। ଏହି ପରମ୍ପରା ଓ ସେବା ତାଙ୍କ ପରିବାର ପାଇଁ ଶ୍ରୀଜୀଉଙ୍କ ଆଶୀର୍ବାଦ ବୋଲି ଶିଳ୍ପୀମାନେ କହିଛନ୍ତି ।

# ପାଣିଷଣ୍ଢଙ୍କ ପୀଠରେ ବିଶ୍ୱଶାନ୍ତି ବିଷ୍ଣୁଯଜ୍ଞ

ଓଡ଼ଗାଁ,୨୨।୬
(ଆଦର୍ଶ କୁମାର ପଟ୍ଟନାୟକ)

ଓଡଗାଁ ବ୍ଲକ ଅନ୍ତର୍ଗତ କୁରାଳ ଗ୍ରାମ ପଞ୍ଚାୟତ ଦଣ୍ଡୋର ଗ୍ରାମରେ ବିରାଜିତ ମା' ପାଣିଷଣ୍ଢଙ୍କ ପୀଠରେ ୩ ଦିନ ଧରି ଚାଲିଥିବା ବିଶଶାନ୍ତି ବିଷ୍ଣୁଯଜ୍ଞ ଶନିବାର ଉଦଯାପିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ଅଙ୍କୁରାରୋପଣ ସହିତ ଅଧିବାସ କର୍ମ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଜଳଯାତ୍ରା, କଳସ ସ୍ଥାପନ, ବ୍ରାହ୍ମଣ ବରଣ, ଦେବତା ଆବାହନ, ପୂଜା ଘୃତାହୁତି ପୂର୍ବକ ଯଜ୍ଞ ନାରାୟଣଙ୍କୁ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଶୁକ୍ରବାର ସୂର୍ଯ୍ୟ ପୂଜା, ଶାଳା ପ୍ରବେଶ,ଦେବତାପୂଜା, ଘୃତାହୁତି ଅର୍ପଣ କରାଯାଇଥିଲା। ଶନିବାର ପୂର୍ଣ୍ଣାହୁତି ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ବୈଦିକ ବ୍ରାହ୍ମଣ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀ ଆଚାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ। ବରିଷ୍ଠ ପୁରୋହିତ ଲଳିତ ମୋହନ ତ୍ରିପାଠୀଙ୍କ ସମେତ ଅନ୍ୟ ପୁରୋହିତ ମାନେ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ଉଦଯାପନୀ ଉତ୍ସବରେ ନୟାଗଡ ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଯୋଗଦେଇ ମା'ଙ୍କୁ ଦର୍ଶନ କରିଥିଲେ ।

# ଯୁବତୀ, କଲେଜ କର୍ମଚାରୀଙ୍କ ଭିଡିଓ ଭାଇରାଲ

ନୟାଗଡ଼,୨୨।୬(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଶରଣକୁଳ ଅଞ୍ଚଳର ଏକ ମହାବିଦ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂପୃକ୍ତ ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ହେଉଛି । ଭିଡିଓ ଭାଇରାଲ ପରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଏଭଳିସ୍ଥଳେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମହାବିଦ୍ୟାଳୟକୁ ୨ଦିନ ହେଲା ଆସୁ ନାହାନ୍ତି । ବିନା ଦରଖାସ୍ତରେ ଛୁଟିରେ ରହିଥିବାରୁ ମହାବିଦ୍ୟାଳୟ ପକ୍ଷରୁ ତାଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି।

ସୂଚନା ଅନୁଯାୟୀ, ସମ୍ପୃକ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଣେ ଜନପ୍ରତିନିଧିଙ୍କର କନ୍ୟାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯାହାର ୨ରୁ ୩ଟି ଭିଡିଓ କେତେଜଣ ଲୋକଙ୍କ ପାଖରେ ରହିଥିଲା। କିଛି ଦିନ ହେବ ଗୋଟିଏ ଭଡିଓ ଭାଇରାଲ ହେଉଛି। ଏନେଇ ଶରଣକୁଳ ଥାନାର ଭାରପ୍ରାପ୍ତ ଆଇଆଇସି ବିଜୟା ସାହୁଙ୍କୁ ପଚାରିବାରୁ ଅଶ୍ଳୀଳ ଭିଡିଓ ଭାଇରାଲ ନେଇ ଆମ ପାଖରେ କୌଣସି ଖବର ନାହିଁ କି ଅଭିଯୋଗ ହୋଇନାହିଁ। ତେବେ ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ମହାବିଦ୍ୟାଳୟର ଅଧକ୍ଷଙ୍କୁ ପଚାରିବାରୁ ଭିଡିଓ ଭାଇରାଲ ହେବାରେ ଚର୍ଚ୍ଚା ହେଉଛି । ଆମ ମହାବିଦ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନାମ ଉଠୁଥିବାବେଳେ ୨ ଦିନ ହେଲା ସେ ବିନା ଦରଖାସ୍ତରେ ଛୁଟିରେ ଅଛନ୍ତି। ଏଣୁ ତାଙ୍କ ଘରକୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସୋମବାର ମହାବିଦ୍ୟାଳୟକୁ ଯିବା ପରେ ପରବର୍ତ୍ତୀ ସୂଚନା ଦେବି ବୋଲି ଅଧ୍ୟକ୍ଷ କହିଛନ୍ତି ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅକ୍ଷୟ


@ କୁମାରଜିତ୍


@ ଶୀତଳ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



